# ECHO OF HIS CALL

## ଆହ୍ୱାନର ପ୍ରତିଧ୍ୱନି

ODIA

India's National Spiritual Newspaper

₹ 10/-

ECHO OF HIS CALL 1969-2019 GOLDEN JUBILEE

REACHING NATIONS

Published monthly in ENGLISH, TAMIL, MALAYALAM, TELUGU, HINDI, KANNADA, MARATHI, BENGALI, GUJARATI, ODIYA, ASSAMESE, PUNJABI, NEPALI, URDU, SINHALA & AFRIKAN

Editor : S. SAM SELVA RAJ | 16 Languages | Associate Editor : Sis. SURAMA SAMUEL

Vol. XXV | JULY 2023 | No.05


## ପବିତ୍ର ବାଇବଲ

(ଏହି ଭାଗଟିକୁ ମୁଖସ୍ଥ କରନ୍ତୁ)

(ଯିଶାଇୟ ୪୯:୧-୬)

୧ ହେ ଦ୍ୱୀପସମୂହ, ମୋ' କଥା ଶୁଣ; ହେ ଦୂରସ୍ଥ ଗୋଷ୍ଠୀସମୂହ, ମନୋଯୋଗ କର; ମୁଁ ଗର୍ଭସ୍ଥ ହେବା ସମୟଠାରୁ ସଦାପ୍ରଭୁ ମୋତେ ଆହ୍ୱାନ କରିଅଛନ୍ତି; ମୁଁ ମାତାଙ୍କ ଉଦରରୁ ଭୂମିଷ୍ଠ ହେବା ସମୟଠାରୁ ସେ ମୋହର ନାମ ଉଲ୍ଲେଖ କରିଅଛନ୍ତି;

୨ ପୁଣି, ସେ ମୋର ମୁଖ ତୀକ୍ଷ୍ଣ ଖଡ୍‌ଗ ସ୍ୱରୂପ କରିଅଛନ୍ତି, ଆପଣା ହସ୍ତର ଛାୟାରେ ସେ ମୋତେ ଲୁଚାଇଅଛନ୍ତି ଓ ସେ ମୋତେ ଶାଣିତ ତୀର ସ୍ୱରୂପ କରି ଆପଣା ତୂଣରେ ଘୋଡ଼ାଇ ରଖିଅଛନ୍ତି;

୩ ପୁଣି, ସେ ମୋତେ କହିଲେ, ତୁମ୍ଭେ ଆମ୍ଭର ଦାସ; ତୁମ୍ଭେ ଇସ୍ରାଏଲ, ତୁମ୍ଭ ଦ୍ୱାରା ଆମ୍ଭେ ମହିମାନ୍ୱିତ ହେବା ।

୪ ମାତ୍ର ମୁଁ କହିଲି, ମୁଁ ବ୍ୟର୍ଥରେ ପରିଶ୍ରମ କରିଅଛି, ମୁଁ ନିରର୍ଥକ ଓ ଅସାରତାରେ ମୋହର ଶକ୍ତି ବ୍ୟୟ କରିଅଛି; ତଥାପି ନିଶ୍ଚୟ ମୋହର ବିଚାର ସଦାପ୍ରଭୁଙ୍କ ନିକଟରେ ଓ ମୋହର କର୍ମର ଫଳ ମୋହର ପରମେଶ୍ୱରଙ୍କଠାରେ ଅଛି ।

୫ ପୁଣି, ମୋତେ ତାହାଙ୍କର ସେବକ ହେବା ପାଇଁ ଓ ଯାକୁବକୁ ତାହାଙ୍କ ନିକଟକୁ ଆଣିବା ପାଇଁ ଓ ଇସ୍ରାଏଲ ତାହାଙ୍କ ନିକଟରେ ସଂଗୃହୀତ ହେବା ପାଇଁ ଯେ ମୋତେ ଗର୍ଭରୁ ନିର୍ମାଣ କଲେ, ସେହି ସଦାପ୍ରଭୁ ଏବେ କହନ୍ତି; (କାରଣ ମୁଁ ସଦାପ୍ରଭୁଙ୍କ ଦୃଷ୍ଟିରେ ଆଦରଣୀୟ ଅଟେ ଓ ମୋହର ପରମେଶ୍ୱର ମୋହର ବଳ ସ୍ୱରୂପ ହୋଇଅଛନ୍ତି;)

୬ ଏଣୁ ସେ କହନ୍ତି, ତୁମ୍ଭେ ଯେ ଯାକୁବର ଗୋଷ୍ଠୀବର୍ଗକୁ ଉତ୍‌ଥାପନ କରିବା ପାଇଁ ଓ ଇସ୍ରାଏଲର ରକ୍ଷିତ ଲୋକମାନଙ୍କୁ ପୁନର୍ବାର ଆଣିବା ପାଇଁ ଆମ୍ଭର ସେବକ ହେବ, ଏହା ଅତି କ୍ଷୁଦ୍ର ବିଷୟ; ତୁମ୍ଭେ ପୃଥିବୀର ସୀମା ପର୍ଯ୍ୟନ୍ତ ଯେପରି ଆମ୍ଭର କୃତ ପରିତ୍ରାଣ ସ୍ୱରୂପ ହେବ, ଏଥିପାଇଁ ଆମ୍ଭେ ତୁମ୍ଭକୁ ଅନ୍ୟ ଦେଶୀୟମାନଙ୍କର ଦୀପ୍ତି ସ୍ୱରୂପ ମଧ୍ୟ କରିବା ।

# ମନୋନୟନ

## CHOICES!



### ଭଉଣୀ ଆଞ୍ଜେଲାଇନ୍ ସେଲ୍‌ଭାକୁମାରୀ

ଆମର ଦୈନନ୍ଦିନ ଜୀବନ ଅନେକ ମନୋନୟନରେ ପରିପୂର୍ଣ୍ଣ ଅଟେ । ପ୍ରତ୍ୟେକ ମନୋନୟନରେ ଏହାର ପରିଣତି ଥାଏ । କେତେକ ଗୁରୁତ୍ୱପୂର୍ଣ୍ଣ ଓ ଆଉ କେତେକ ଗୁରୁତ୍ୱପୂର୍ଣ୍ଣ ନୁହେଁ । ଜୀବନସାଥୀ ମନୋନୟନ, କାର୍ଯ୍ୟପନ୍ଥା ସମ୍ବନ୍ଧୀୟ ମନୋନୟନ ଭଳି କେତେକ ମନୋନୟନ ଜୀବନ-ପରିବର୍ତ୍ତନକାରୀ ହୋଇପାରେ । ଆଉ କେତେକ ସାଧାରଣ ଓ ଦୈନନ୍ଦିନ ଅଟେ, ଯଥା – କ'ଣ ପିନ୍ଧିବାକୁ କିମ୍ବା କ'ଣ ଖାଇବାକୁ ହେବ ଇତ୍ୟାଦି । ଯେତେବେଳେ ଈଶ୍ୱର ମନୁଷ୍ୟମାନଙ୍କୁ ସୃଷ୍ଟି କରିଥିଲେ, ସେତେବେଳେ ସେ ସେମାନଙ୍କୁ ସ୍ୱାଧୀନ ଇଚ୍ଛା ଦେଇ ସୃଷ୍ଟି କରିଥିଲେ । ମନୁଷ୍ୟମାନେ ଉଭୟ ଭଲ ଓ ମନ୍ଦ ମନୋନୟନ କରିବାର ସାମର୍ଥ୍ୟ ରଖିଛନ୍ତି । କିନ୍ତୁ, ଈଶ୍ୱର ସର୍ବଦା ଆମକୁ ନିର୍ଦ୍ଦେଶ ଦିଅନ୍ତି ଓ ତାଙ୍କର ଆଶାଗୁଡ଼ିକୁ ମଧ୍ୟ ଜଣାନ୍ତି, ମାତ୍ର ସେ ଯାହା ଚାହାଁନ୍ତି, ତାହାକୁ ମନୋନୀତ କରିବା ପାଇଁ, ସେ ଆମକୁ ଆଦୌ ବାଧ୍ୟ କରିବେ ନାହିଁ । ଈଶ୍ୱର ଆମ ନିମନ୍ତେ ଯାହା ଯୋଜନା କରିଛନ୍ତି, ତାହାକୁ ଆମେ ଆମର ସ୍ୱାଧୀନ ଇଚ୍ଛା ଦ୍ୱାରା ମନୋନୀତ କରୁ ବୋଲି ସେ ଚାହାଁନ୍ତି ।

ଆମ ବିଶ୍ୱର ଈଶ୍ୱର ଆମକୁ ଏତେ ଅଧିକ ପ୍ରେମ କରନ୍ତି ଯେ ତାଙ୍କୁ ପ୍ରେମ କରିବା ପାଇଁ ଓ ତାଙ୍କୁ ଜାଣିବା ପାଇଁ ସୁଦ୍ଧା ମନୋନୀତ କରିବାର ସ୍ୱାଧୀନତା ସେ ଆମକୁ ପ୍ରଦାନ କରିଛନ୍ତି । ଆମର ସାର୍ବଭୌମ ଈଶ୍ୱର ଯେ

(ଅବଶିଷ୍ଟାଂଶ ୩ୟ ପୃଷ୍ଠାରେ)




ଆହ୍ୱାନର ପ୍ରତିଧ୍ୱନିର

ଯୁ-ଟ୍ୟୁବ୍ ଖ୍ରୀଷ୍ଟିଆନ ଚ୍ୟାନେଲ !

ଆପଣମାନେ ପାଳକ ଏସ୍. ସାମ୍. ସେଲ୍‌ଭାରାଜ୍‌ଙ୍କ ସହିତ

୫ ମିନିଟ୍‌ର ବାର୍ତ୍ତା !!


ଇଂରାଜୀ, ହିନ୍ଦୀ, ତାମିଲ ଏବଂ ତେଲୁଗୁ

ପ୍ରତିଦିନ ସକାଳ ୫ ଟାରେ

ତାମିଲ ରବିବାର ଉପାସନା – ସକାଳ ୮.୩୦ରେ

ECHO OF HIS CALL - (1969-2019 GOLDEN JUBILEE YEAR)

REACHING NATIONS



# ଆପଣମାନଙ୍କର ପ୍ରିୟ ଭାଇଙ୍କଠାରୁ ...



**ଆମର ମିଶନ ପଲିସୀ**

ଆମେ ପ୍ରାଚୀନ ଓ ଆଦ୍ୟ ପ୍ରେରିତମାନଙ୍କର ଅମିଶ୍ରିତ ଶିକ୍ଷା ସମସାମୟିକ ଯୁଗକୁ ଜଣାଇବା ଉଚିତ ।

**CHIEF EDITOR**

Pastor Alex Samson Sam, B.Th., M.Div.

**ADMINISTRATION**

Bro. N. Prakasam, M.A., General Manager
Dr. Rabinder Boaz, M.S.
Bro. K. Puratchivendan

**EDITORIAL BOARD**

Sis. Jesy Veena Sam
Sis. Serena Bevin, M.A., M.Phil., B.Ed.
Dr. A. Richard Samuel, M.A., Ph.D.
Rev. Dr. K.R. Rajasekaran

**EDITOR, PUBLISHER & PRINTER**

Pastor S. SAM SELVA RAJ
Echo of His Call Printers
10, Mohammed Abdullah 2nd Street,
Chepauk, Chennai- 600 005, India.
Phone : (+ 91- 44) 2852 8282, 2852 9293, 2854 7766
Cell : (+91) 98410 71852, 95661 31858

**E.mail ID**

sam@echoofhiscall.org
biblecor@yahoo.co.in

**WEBSITES**

www.echoofhiscall.org
www.stpaulsmatriculation.com

**YOUTUBE CHANNEL**

Echo of His Call

**"... ଯେ ଆପଣା ମୁଖରେ ... ଏହି କଥା କହିଥିଲେ ଓ ଆପଣା ହସ୍ତରେ ତାହା ସଫଳ କରିଅଛନ୍ତି..." (୧ ରାଜାବଳି ୮:୧୫) ।**

## ଖ୍ରୀଷ୍ଟରେ ପ୍ରିୟ ବନ୍ଧୁଗଣ,

*ଆମେ ଆମର ପ୍ରଭୁ ଓ ତ୍ରାଣକର୍ତ୍ତା ଯୀଶୁ ଖ୍ରୀଷ୍ଟଙ୍କ ନାମରେ ଆପଣମାନଙ୍କୁ ଅଭିବାଦନ ଜଣାଉ ଅଛୁ ।*

*ଗତ ମାସର "ଆହ୍ୱାନର ପ୍ରତିଧ୍ୱନି" ପତ୍ରିକାକୁ ପଢିବା ପରେ, ଅନେକ ଲୋକ ଆମର ପ୍ରବନ୍ଧକୁ ପ୍ରଶଂସା କରିଛନ୍ତି । ଆମେ ସେମାନଙ୍କୁ ପ୍ରତ୍ୟେକଙ୍କୁ ଧନ୍ୟବାଦ ଦେଉଅଛୁ । ଆମେ ଈଶ୍ୱରଙ୍କର ସେହି ଲୋକମାନଙ୍କୁ ଆମର ବିନମ୍ର କୃତଜ୍ଞତା ଜଣାଉ ଅଛୁ ଯେଉଁମାନେ ବାସ୍ତବରେ ଆମକୁ ଆନ୍ତରିକ ଭାବେ ପ୍ରେମ କରନ୍ତି ଓ ସେମାନଙ୍କ ପ୍ରାର୍ଥନା ଓ ସୁ ପରାମର୍ଶ ସହିତ ଆମ "ଆହ୍ୱାନର ପ୍ରତିଧ୍ୱନି" ପତ୍ରିକା ଓ ଅନ୍ୟ ସେବାକାର୍ଯ୍ୟକୁ ସହାୟତା ପ୍ରଦାନ କରନ୍ତି ।*

*ଆମେ ଆପଣମାନଙ୍କୁ ଆପଣମାନଙ୍କର ଇ-ମେଲ୍ ଠିକଣା ପ୍ରେରଣ କରିବା ପାଇଁ କହିଥିଲୁ । ଯେଉଁମାନେ ଆମକୁ ସେମାନଙ୍କର ଇ-ମେଲ୍ ଠିକଣା ପ୍ରେରଣ କରିଛନ୍ତି, ସେମାନଙ୍କୁ ଆମେ ସେମାନଙ୍କର ଇ-ମେଲ୍ ଠିକଣାରେ "ଆହ୍ୱାନର ପ୍ରତିଧ୍ୱନି" ପତ୍ରିକା ପ୍ରେରଣ କରିବୁ । ଆହୁରି ମଧ୍ୟ ୧୬ ଭାଷାରେ ଆମର "ଆହ୍ୱାନର ପ୍ରତିଧ୍ୱନି" ପତ୍ରିକା ପ୍ରକାଶ ପାଇବା ମାତ୍ରେ, ସେଗୁଡ଼ିକୁ ଆମର ୱେବ୍‌ସାଇଟ୍, www.echoofhiscall.org ରେ ଅପଲୋଡ୍ କରାଯିବ । ଆପଣମାନେ ସେଥିରୁ ସିଧାସଳଖ ପଢିପାରିବେ । ଯଦି ଆପଣମାନେ ଇଚ୍ଛା କରନ୍ତି, ତେବେ ଏହାକୁ ଡାଉନ୍‌ଲୋଡ୍ କରି ଓ ଏହାର ଗୋଟିଏ ଗୋଟିଏ କପି ନେଇ ପଢ଼ିପାରିବେ । ବ୍ୟସ୍ତ ହୁଅନ୍ତୁ ନାହିଁ । ଆପଣମାନେ ନିଶ୍ଚୟ ଏହିସବୁ ଉପାୟରେ ନିୟମିତ ଭାବେ "ଆହ୍ୱାନର ପ୍ରତିଧ୍ୱନି" ପତ୍ରିକା ପାଇବେ ।*

*ଆମେ ପ୍ରତ୍ୟେକ ରାତ୍ରି ୧୦ଟାରେ ଆନ୍ତର୍ଜାତୀୟ ଯୁବା ଓ ପିଲାମାନଙ୍କ ନିମନ୍ତେ ଯେଉଁ ପ୍ରାର୍ଥନା ଉତ୍ସର୍ଗ କରୁଅଛୁ, ତାହା ଆମ ପାଠକମାନଙ୍କ ଦ୍ୱାରା ସୁଗ୍ରାହ୍ୟ ହୋଇଅଛି ଓ ସର୍ବଶକ୍ତିମାନ ଈଶ୍ୱରଙ୍କଠାରୁ ମଧ୍ୟ ଆମେ ଉତ୍ତମ ଉତ୍ତର ସବୁ ପାଇଅଛୁ । ପ୍ରଭୁଙ୍କର ଧନ୍ୟବାଦ ହେଉ ।*

*ଆମେ ଅତି କ୍ଷିପ୍ରଭାବରେ ଉଦ୍‌ଯୋଗର ସହିତ କାର୍ଯ୍ୟ କରୁଅଛୁ । ପିଲାମାନଙ୍କ ନିମନ୍ତେ ଛୁଟୀ ଦିବସୀୟ ବାଇବଲ ସ୍କୁଲ (ଭିବିଏସ୍)ର ପାଠପଢା ଗତ ମେ ମାସରେ ଅନୁଷ୍ଠିତ ହୋଇଥିଲା । ୨୦୨୩ ଜୁନ୍ ୩ ତାରିଖରେ ଆମର ନିହିମିୟା ବାଇବଲ କଲେଜର ଉପାଧି ପ୍ରଦାନ ଉତ୍ସବ ଏକ ସ୍ୱତନ୍ତ୍ର ମାର୍ଗରେ ପାଳିତ ହୋଇଥିଲା । ୨୦୨୩ ଜୁନ ୫ ତାରିଖରେ, ନିହିମିୟା ବାଇବଲ କଲେଜ ଓ ସେଣ୍ଟ ପଲ୍‌ସ ମ୍ୟାଟ୍ରିକ୍ୟୁଲେସନ ସ୍କୁଲର ଶିକ୍ଷାବର୍ଷ ୨୦୨୩-୨୪ ନିମନ୍ତେ ପାଠ ପଢ଼ା ମଧ୍ୟ ଆରମ୍ଭ ହୋଇଯାଇଛି । ପାଠପଢ଼ା ଯେପରି ଭଲ ଭାବରେ ଓ ଫଳପ୍ରଦଭାବରେ ପରିଚାଳିତ ହେବ, ଏଥିପାଇଁ ପ୍ରାର୍ଥନା କରନ୍ତୁ । ଦୟାକରି ଆମ ନିମନ୍ତେ ମଧ୍ୟ ପ୍ରାର୍ଥନା କରନ୍ତୁ ।*

*ପ୍ରତ୍ୟେକ ସକାଳ ୫ଟାରେ, ଆମର ୟୁ-ଟ୍ୟୁବ୍ ଚ୍ୟାନେଲ ମାଧ୍ୟମରେ ଇଂରାଜୀ, ହିନ୍ଦୀ, ତାମିଲ ଓ ତେଲୁଗୁରେ ୫ ମିନିଟ୍‌ର ବାର୍ତ୍ତା ପ୍ରଦାନ କରାଯାଉଛି । ଦୟାକରି ଆପଣଙ୍କ ମୋବାଇଲ ଫୋନ୍‌ରେ ଆମର ମୋବାଇଲ ନମ୍ବର - ୯୮୪୧୦୭୧୮୫୮ ଲେଖି ରଖନ୍ତୁ । ଏହା ଏହି ସେବାକାର୍ଯ୍ୟ ସମ୍ବନ୍ଧୀୟ ଯେ କୌଣସି ସୂଚନା ପାଇବାରେ ସହାୟକ ହେବ, ଦୟାକରି ଆମର "ଆହ୍ୱାନର ପ୍ରତିଧ୍ୱନି ୟୁ-ଟ୍ୟୁବ ଚ୍ୟାନେଲ୍"ର ସଭ୍ୟ ହୁଅନ୍ତୁ ।*

*'ସମୟ' ଯାନ୍ତ୍ରିକ ବିଦ୍ୟା ମଧ୍ୟ ଦେଇ ଗତି କରୁଥିବାରୁ, ଆମେ ଏହାକୁ ପସନ୍ଦ କରୁ କିମ୍ବା ନ କରୁ, ଆମକୁ ମଧ୍ୟ ତାହା ସହିତ ଦୌଡ଼ିବାକୁ ପଡୁଛି । ଯେ କୌଣସି ପଦ୍ଧତିରେ ସୁସମାଚାର ସମସ୍ତ ଲୋକଙ୍କ ନିକଟରେ ପହଞ୍ଚୁ । ଈଶ୍ୱରଙ୍କ ଗୌରବ ହେଉ, ଆମେନ୍ ।*

**ଖ୍ରୀଷ୍ଟ ଯୀଶୁରେ ଆପଣମାନଙ୍କର ସେବକଗଣ,**

**ପାଳକ ଏସ୍. ସାମ୍ ସେଲ୍‌ଭାରାଜ୍ ଓ ଆଲେକ୍ସ ସାମସନ୍ ସାମ୍**

(+91) 98412 71858 / 98410 71858, E.mail : samselvaraj333@gmail.com

Our Ministries: ECHO OF HIS CALL Monthly Magazines (16 languages) BIBLECOR - Postal Courses (3 languages) Media Ministry Online Courses Theological Correspondence Courses (2 languages) Church Planting Nehemiah Bible Colleges Gospel Printing Press Great Commission Partners St. Paul's Matriculation School Crusades Community Development

(୧ମ ପୃଷ୍ଠାର ଅବଶିଷ୍ଟାଂଶ)

କୌଣସି ପରିବେଶରେ ଆମେ ତାଙ୍କୁ ମନୋନୀତ କରୁ ବୋଲି ଆମକୁ ବାଧ କରନ୍ତି ନାହିଁ । ସେ ମନୁଷ୍ୟ ଜାତି ସହିତ ଏକ ସଂପର୍କ ରଖିବା ପାଇଁ ସର୍ବଦା ଇଚ୍ଛା କରନ୍ତି, ମାତ୍ର ସେ ଏଥିପାଇଁ ଆମକୁ ବାଧ କରିବା ପରିବର୍ତ୍ତେ, ଆମେ ତାଙ୍କୁ ଅଧିକରୁ ଅଧିକ ଜାଣିବା ପାଇଁ ଏକ ମନୋନୟନ କରୁ ବୋଲି ସେ ଅପେକ୍ଷା କରନ୍ତି ।

ବାଇବଲରେ ଲେଖାଅଛି, ''ଈଶ୍ୱରଙ୍କ ନିକଟବର୍ତ୍ତୀ ହୁଅ, ସେଥିରେ ସେ ତୁମ୍ଭମାନଙ୍କର ନିକଟବର୍ତ୍ତୀ ହେବେ...'' (ଯାକୁବ ୪:୮) । ତତ୍ ସଙ୍ଗେ ସଙ୍ଗେ ବାଇବଲ ଏହା ମଧ୍ୟ କହିଛି ଯେ ଆମେ ଯୀଶୁ ଖ୍ରୀଷ୍ଟଙ୍କୁ ମନୋନୀତ କରି ନ ଥିଲୁ, ମାତ୍ର ସେ ଆମକୁ ମନୋନୀତ କରିଥିଲେ – ''ତୁମ୍ଭେମାନେ ମୋତେ ମନୋନୀତ କରି ନାହଁ, କିନ୍ତୁ ମୁଁ ତୁମ୍ଭମାନଙ୍କୁ ମନୋନୀତ କରିଅଛି...'' (ଯୋହନ ୧୫:୧୬) । ପୁଣି ସେ ହିଁ ଆମକୁ ପ୍ରଥମେ ପ୍ରେମ କରିଥିଲେ (୧ ଯୋହନ ୪:୧୯) । କୌଣସିଠାରେ ଈଶ୍ୱର ତାଙ୍କୁ ମନୋନୀତ କିମ୍ବା ପ୍ରେମ କରିବା ପାଇଁ ଆମକୁ ବାଧ କରି ନାହାନ୍ତି । ସେ ସର୍ବଦା ଆମକୁ ସ୍ୱାଧୀନ ଇଚ୍ଛା ପ୍ରଦାନ କରିବା ଦ୍ୱାରା ଏକ କୋମଳ ଈଶ୍ୱର ହୋଇ ରହିଛନ୍ତି । ଆମ ସମସ୍ତଙ୍କୁ ସୁଯୋଗ ଦିଆଯାଇଛି । କେବଳ ଅଳ୍ପ କେତେ ଜଣ ସେହି ସୁଯୋଗକୁ ଗ୍ରହଣ କରନ୍ତି ଓ ଏହାର ସଦ୍ ବ୍ୟବହାର କରନ୍ତି ।

ଆସନ୍ତୁ, କେତେ ଜଣ ମୁଖ୍ୟ ବାଇବଲ ଚରିତ୍ରମାନେ ନେଇଥିବା ମନୋନୟନଗୁଡ଼ିକ ଉପରେ ଚିନ୍ତା କରିବା ।

## ଦୁଇ ଜଣ ଚୋର

ସେହି ଦୁଇ ଜଣ ଚୋରଙ୍କର ଦୃଷ୍ଟାନ୍ତ ନେବା ଯେଉଁମାନେ ଯୀଶୁଙ୍କ ଉଭୟ ପାର୍ଶ୍ୱରେ କ୍ରୁଶରେ ଝୁଲୁଥିଲେ । ସେମାନଙ୍କ ମଧ୍ୟରୁ ଜଣେ କହିଥିଲା, ''...ପ୍ରଭୋ, ଆପଣ ନିଜ ରାଜ୍ୟରେ ପ୍ରବେଶ କଲେ ମୋତେ ସ୍ମରଣ କରିବେ'' (ଲୂକ ୨୩:୪୨) । ଯୀଶୁ ଉତ୍ତର ଦେଇଥିଲେ, ''ମୁଁ ତୁମ୍ଭକୁ ସତ୍ୟ କହୁଅଛି, ଆଜି ତୁମ୍ଭେ ମୋହର ସହିତ ପାରଦୀଶରେ ଉପସ୍ଥିତ ହେବ'' (ଲୂକ ୨୩:୪୩) । ମାତ୍ର ଅନ୍ୟଜଣଙ୍କ ତା' ଜୀବନର ଶେଷ ମୁହୂର୍ତ୍ତରେ ମଧ୍ୟ ଯୀଶୁଙ୍କୁ ପରିହାସ କରିବା ପାଇଁ ନିଷ୍ପତ୍ତି ନେଇଥିଲା । ଯେତେବେଳେ ଜଣେ ଚୋର ଅନୁତାପ କରି, ତାକୁ ସ୍ମରଣ କରିବା ପାଇଁ ଈଶ୍ୱରଙ୍କୁ କହିଲା, ସେତେବେଳେ ଅନ୍ୟ ଜଣଙ୍କ ସୁଯୋଗ ହରାଇ ଯୀଶୁଙ୍କର ନିନ୍ଦା କରିବା ଓ ଦୋଷ ବାହାର କରିବା ଅବ୍ୟାହତ ରଖିଥିଲା । ଏହା ଏପରି ଏକ ମନୋନୟନ ଯାହା ଉଭୟେ ନେଇଥିଲେ । କେହି ସେମାନଙ୍କୁ ବାଧ କରି ନ ଥିଲା, ମାତ୍ର ଏହା କେବଳ ସ୍ମରଣ କରାଯିବା ପାଇଁ ଇଚ୍ଛା କରୁଥିବା ଚୋର ନିମନ୍ତେ ନୁହେଁ, ମାତ୍ର ଆମ ସମସ୍ତଙ୍କ ନିମନ୍ତେ ମଧ୍ୟ ଏକ ଜୀବନ ପରିବର୍ତ୍ତନକାରୀ ମନୋନୟନ/ମୁହୂର୍ତ୍ତ ଅଟେ । ସେଥିପାଇଁ ଆମେ ୨୦୨୩ରେ ଏହି ବିଷୟରେ କଥାବାର୍ତ୍ତା କରୁଅଛୁ ।

## ଶତସେନାପତି

ଖ୍ରୀଷ୍ଟଙ୍କ କ୍ରୁଶାରୋହଣ ସମୟରେ ଅନେକ ଶତସେନାପତି କାର୍ଯ୍ୟରତ ଥିଲେ ଓ ଈଶ୍ୱରଙ୍କ ମେଷଶାବକଙ୍କର ଭୟଙ୍କର ମୃତ୍ୟୁକୁ ଦେଖିଥିଲେ । ସେ ଯେ ଭିନ୍ନ ଥିଲେ, ଏହା ଦେଖିବା ପାଇଁ ସେମାନେ ସମର୍ଥ ଥିଲେ, ମାତ୍ର ସେ ଯାହା ଥିଲେ, ତାହାକୁ ସ୍ୱୀକାର କିମ୍ବା ଗ୍ରହଣ କରିବା ପାଇଁ କେବଳ ଜଣଙ୍କ ବ୍ୟତୀତ ଅନ୍ୟ କେହି ଇଚ୍ଛା କରୁ ନ ଥିଲେ । ଯୀଶୁ ଖ୍ରୀଷ୍ଟଙ୍କ ପାଦ ନିକଟରେ ଜଣେ ଶତ ସେନାପତି ଥିଲେ ଓ ସେ ଯୀଶୁଙ୍କୁ କଣ୍ଟାବିଦ୍ଧ ହେବାର ଦେଖିଥିଲେ । ସେ କହିଥିଲେ, ''ସତ୍ୟ, ଏ ଈଶ୍ୱରଙ୍କ ପୁତ୍ର ଥିଲେ'' (ମାଥିଉ ୨୭:୫୪) । ଖ୍ରୀଷ୍ଟ କିଏ ଥିଲେ, ଏହା ସେ ପ୍ରକାଶ୍ୟରେ ସ୍ୱୀକାର କରିଥିଲେ । ସେହି ମନ୍ତବ୍ୟ ଦେବା ପାଇଁ ବହୁ ପରିମାଣର ସାହସ ଓ ନିର୍ଭୀକତା ଆବଶ୍ୟକ ହୁଏ । ଆଜି ମଧ୍ୟ ଆମ ନିକଟରେ ଏପରି ଭାଇ ଭଉଣୀମାନେ ଅଛନ୍ତି ଯେଉଁମାନେ ସେମାନଙ୍କ ବିଶ୍ୱାସ ପାଇଁ ତାଡ଼ନାପ୍ରାପ୍ତ, ଅପମାନିତ, କାରାରୁଦ୍ଧ, ଉଲଗ୍ନ ଭାବରେ ପ୍ରହାରିତ, ଅଗ୍ନିରେ ଦଗ୍ଧୀଭୂତ ହେଉଛନ୍ତି ଓ ସେମାନଙ୍କ ପିତାମାତାମାନଙ୍କୁ ମଧ୍ୟ ଅତ୍ୟାଚାର କରାଯାଉଅଛି । ମାତ୍ର ଏହି ସତ୍ୟ ସହ୍ୟ କରି, ସେମାନେ ବିଶ୍ୱାସର ପରୀକ୍ଷାରେ




ଉତ୍ତୀର୍ଣ୍ଣ ହେଉଛନ୍ତି । ''ଖ୍ରୀଷ୍ଟଙ୍କ ପ୍ରେମରୁ କିଏ ଆମ୍ଭମାନଙ୍କୁ ବିଚ୍ଛିନ୍ନ କରିବ ? କି କ୍ଳେଶ, କି ସଙ୍କଟ, କି ତାଡ଼ନା, କି ଦୁର୍ଭିକ୍ଷ, କି ଉଲଙ୍ଗତା, କି ବିପଦ, କି ଖଡ଼୍ଗ ?'' (ରୋମୀୟ ୮:୩୫) । ପାଉଲ ଯାହା କହିଥିଲେ, ତାହା କହିବା ପାଇଁ କେହି ତାଙ୍କୁ ବାଧ କରି ନ ଥିଲେ, ମାତ୍ର ଏହା ତାଙ୍କର ଏକ ମନୋନୟନ ଥିଲା ।

## ପିଲାତ

ପିଲାତ ଏପରି ଅନ୍ୟ ଜଣେ ବ୍ୟକ୍ତି ଥିଲେ ଯିଏ ଯୀଶୁ ଖ୍ରୀଷ୍ଟଙ୍କ ନିମନ୍ତେ ଏକ ଜୀବନ – ପରିବର୍ତ୍ତନକାରୀ ନିଷ୍ପତ୍ତି ନେବା ପାଇଁ ମହାକ୍ଷମତା ରଖିଥିଲେ, ମାତ୍ର ଲୋକମାନଙ୍କୁ ସନ୍ତୁଷ୍ଟ କରିବା ପାଇଁ, ସୁଖ୍ୟାତି ପାଇବା ପାଇଁ ଓ ଯିହୁଦୀମାନଙ୍କ ଦୃଷ୍ଟିରେ ଉତ୍ତମ ହେବା ପାଇଁ, ସେ ତାହା କରିବାରେ ବିଫଳ ହୋଇଥିଲେ, ଯାହା କରିବା ତାଙ୍କର ଉଚିତ ଥିଲା । ବାଇବଲରେ ଲେଖାଅଛି, ''ଉପକାର କରିବାର ସାମର୍ଥ୍ୟ ତୁମ୍ଭ ହସ୍ତରେ ଥିଲେ, ଉଚିତ ଦାନ ପାତ୍ରମାନଙ୍କୁ ନାସ୍ତି କର ନାହିଁ'' (ହିତୋପଦେଶ ୩:୨୭) ଓ ''ସୁଯୋଗ ଅନୁସାରେ ସମସ୍ତଙ୍କର, ବିଶେଷତଃ, ଏକ ପରିବାରଭୁକ୍ତ ବିଶ୍ୱାସୀ ସମସ୍ତଙ୍କର ମଙ୍ଗଳ କରୁ'' (ଗାଲାତୀୟ ୬:୧୦) । ପୁନର୍ବାର, ଏହା ଆମ ପ୍ରତି ପ୍ରଦତ୍ତ ଏକ ମନୋନୟନ ଅଟେ ଓ ସତ୍କର୍ମ କରିବା ପାଇଁ ଏକ



ସଚେତ ନିଷ୍ପତ୍ତି ନେବା ପାଇଁ ବାଇବଲ ଆମକୁ ନିର୍ଦ୍ଦେଶ ଦେଇଛି ।

ଯଦି ଈଶ୍ୱର ଆପଣଙ୍କୁ ଏପରି ଏକ ସ୍ଥିତି କିମ୍ବା ସ୍ଥାନରେ ରଖିଛନ୍ତି ଯେଉଁଠାରେ ଆପଣ ଭଗ୍ନ, ଅଭାବଗ୍ରସ୍ତ, ଅସହାୟ, ଶକ୍ତିହୀନ, ନିରାଶ୍ରୟ, ଏପରିକି ଶାରୀରିକ ଓ ମାନସିକ ଭାବରେ ଅକ୍ଷମ ଲୋକମାନଙ୍କୁ ସାହାଯ୍ୟ କରିପାରିବେ, ତେବେ ସେମାନଙ୍କୁ ସାହାଯ୍ୟ କରିବା ପାଇଁ ଏକ ସିଦ୍ଧାନ୍ତ ନିଅନ୍ତୁ । ଆମେ ସଠିକ୍ କାରଣ ସପକ୍ଷରେ ଯୁଦ୍ଧ କରିବା ପାଇଁ ବୀର ଆବଶ୍ୟକ କରୁ । ମଦର ତେରେସା ଏହିପରି ଏକ ଚମତ୍କାର ମହିଳା ଥିଲେ ଯିଏ ନିଜର ସମଗ୍ର ଜୀବନକୁ ଦୁର୍ବଳ ଓ ଅସୁସ୍ଥ ମାନଙ୍କର ସାହାଯ୍ୟ ଓ ସହାୟତା କରିବା ପାଇଁ ବିକ୍ରି କରି ଦେଇଥିଲେ । ଏମୀ କାର୍ମିଖାଏଲ୍ ଏପରି ଜଣେ ବୀର ଥିଲେ ଯିଏ ଯୁବତୀମାନଙ୍କର ଅଧିକାର ପାଇଁ ଯୁଦ୍ଧ କରିଥିଲେ । ସେମାନେ ତାହା କରିଥିଲେ ଯାହା ସମାଜର ଦୁର୍ବଳ ଶ୍ରେଣୀଙ୍କୁ ସାହାଯ୍ୟ କରିବା ପାଇଁ ସେମାନେ କରିପାରିଥାନ୍ତେ । ଅନ୍ୟ ପକ୍ଷରେ, ଏହା ଏକ ଦୁଃଖଦ ବିଷୟ ଅଟେ ଯେ ଲୋକମାନେ ଏପରି

ସ୍ୱାର୍ଥ-କୈନ୍ଦ୍ରିକ ହୋଇ ଯାଇଛନ୍ତି ଯେ ସେମାନଙ୍କର ଭାଇ ଭଉଣୀମାନଙ୍କ ନିମନ୍ତେ ସେମାନଙ୍କର ଆଉ ସମୟ ନାହିଁ । ଆହୁରି ନୈରାଶ୍ୟଜନକ ବିଷୟ ହେଉଛି ଯେ ଆମେ ତାହା ମଣ୍ଡଳୀଗୁଡ଼ିକରେ ମଧ ଦେଖୁଛୁ । ଈଶ୍ୱର ଆମକୁ ଏହାକୁ ପରିବର୍ତ୍ତନ କରିବା ପାଇଁ ଅନୁଗ୍ରହ ଦିଅନ୍ତୁ ଓ ଆମେ ହିଁ ସେହି ପରିବର୍ତ୍ତନ ହେଉ ।

ଯୀଶୁ ଯେ ନିର୍ଦ୍ଦୋଷ ଥିଲେ, ଏହା ପିଲାତ ଜାଣିଥିଲେ ଓ ତାଙ୍କୁ ମୁକ୍ତ କରିବାର ଏକ ମନୋନୟନ ତାଙ୍କ ନିକଟରେ ଥିଲା । ମୁଁ ଭାବୁଛି, ସେ ପ୍ରକୃତରେ ଯୀଶୁ ଖ୍ରୀଷ୍ଟଙ୍କୁ ମୁକ୍ତ କରିବା ପାଇଁ ଇଚ୍ଛା କରିଥିଲେ । କିନ୍ତୁ, ସେ ଏହାକୁ ପ୍ରକାଶ୍ୟରେ କରିବା ପାଇଁ ଇଚ୍ଛା କରି ନ ଥିଲେ । ଲୋକମାନେ ବାରବ୍‌ବାକୁ କିମ୍ବା ଯୀଶୁ ଖ୍ରୀଷ୍ଟଙ୍କୁ ମୁକ୍ତ କରିବାକୁ ଇଚ୍ଛା କରୁଛନ୍ତି ବୋଲି ଅତି ଚତୁରତାର ସହିତ ପିଲାତ ଲୋକମାନଙ୍କ ଉପରେ ମନୋନୟନ କରିବାର ଦାୟିତ୍ୱ ଦେଇଥିଲେ । ସେ ଭାବିଥିଲେ ଯେ ଲୋକମାନେ ଯୀଶୁ ଖ୍ରୀଷ୍ଟଙ୍କୁ ମୁକ୍ତ କରିବା ପାଇଁ କହିବେ । ମାତ୍ର, ସେମାନେ ବାରବ୍‌ବାକୁ ମାଗିଥିଲେ । ପୁନଶ୍ଚ, ଏହା ଏପରି ଏକ ସୁଯୋଗ ଥିଲା ଯାହାକୁ ପିଲାତ ହରାଇଥିଲେ, ମାତ୍ର ଏକ ଭୁଲ୍ କାରଣ ପାଇଁ ଯିହୁଦୀମାନେ ଏହାର ସଦ୍‌ବ୍ୟବହାର କରିଥିଲେ ।

**ହରାଇଥିବା ସୁଯୋଗଗୁଡ଼ିକ !!!**

ଆମ ମଧ୍ୟରୁ କେତେ ଜଣ ତାଙ୍କ ପରି ଏକ ମନୋନୟନ କରିବାରେ ବିଫଳ ହୋଇ ସୁଯୋଗଗୁଡ଼ିକୁ ହରାଇ ଦେଇଛୁ । ମାତ୍ର ଅନୁଗ୍ରହର ବିଷୟ ହେଉଛି, ଆମର ଈଶ୍ୱର ଏକ ଦ୍ୱିତୀୟ ସୁଯୋଗ ଦିଅନ୍ତି । ଆମେ ଗୋଟିଏ ସୁଯୋଗ ହରାଇବା ମାତ୍ରେ ଈଶ୍ୱର ସର୍ବଦା ଅନ୍ୟ ଏକ ସ୍ୱର୍ଗୀୟ ଯୋଜନା ସହିତ ଆସନ୍ତି । ଈଶ୍ୱରଙ୍କ ପ୍ରେମ ଏହିପରି ଅଟେ । ଆପଣ ହୁଏତ ବସି ରହି ଭାବୁଛନ୍ତି ଯେ ମୁଁ ଏହା କରିପାରିଥା'ନ୍ତି, ମାତ୍ର ମୋର ବୟସ ଓ ଶକ୍ତି ଚାଲିଯାଇଛି, ବର୍ଷ ସବୁ ନଷ୍ଟ ହୋଇ ଯାଇଛି ।

ପ୍ରିୟ ଭାଇ ଓ ଭଉଣୀମାନେ, ଯଦି ଆପଣମାନଙ୍କର ସମୟ ନଷ୍ଟ ହୋଇଯାଇଛି ଓ ବର୍ତ୍ତମାନ ଅତି ବିଳମ୍ବ ହୋଇ ଯାଇଛି ବୋଲି ଆପଣମାନେ ଭାବୁଛନ୍ତି, ତେବେ ଈଶ୍ୱରଙ୍କ ରାଜ୍ୟରେ ଆଦୌ ବିଳମ୍ବ ହୁଏ ନାହିଁ । ଈଶ୍ୱରଙ୍କ ସମୟ ସଠିକ୍ ଅଟେ । ଯେତେବେଳେ ମୋଶା ୪୦ ବର୍ଷ ବୟସ୍କ ଥିଲେ, ସେତେବେଳେ ଈଶ୍ୱର ତାଙ୍କୁ ବ୍ୟବହାର କରିବାକୁ ଇଚ୍ଛା କରି ନ ଥିଲେ, ସେ ତାଙ୍କର ୮୦ ବର୍ଷ ବୟସରେ ହିଁ ତାଙ୍କୁ ବ୍ୟବହାର କରିଥିଲେ । କାଲେବ ୮୦ ବର୍ଷ ବୟସରେ ଯୁଦ୍ଧ କରି ଦେଶ ଅଧିକାର କରିବାର ଶକ୍ତି ରଖିଥିଲେ । ଆପଣଙ୍କର ନଷ୍ଟ ହୋଇ ଯାଇଥିବା ବର୍ଷଗୁଡ଼ିକୁ ଯୀଶୁ ଖ୍ରୀଷ୍ଟଙ୍କୁ ଦିଅନ୍ତୁ ଓ ସେ କିଛି ସୁନ୍ଦର ବିଷୟ ଉତ୍ପନ୍ନ କରିବେ । ମୁଁ ଗୋଟିଏ ପୁରାତନ ଗୀତକୁ ସ୍ମରଣ କରେ –

''ସେହି ସବୁକୁ ଯୀଶୁଙ୍କୁ ଦିଅ । ନଷ୍ଟ ସ୍ୱପ୍ନ ସବୁ, କ୍ଷତାକ୍ତ ହୃଦୟ, ଭଗ୍ନ ଖେଳଣା – ଏହି ସବୁକୁ ଯୀଶୁଙ୍କ ଦିଅ । କାରଣ ସେ ତୁମର ଦୁଃଖକୁ ଆନନ୍ଦରେ ପରିଣତ କରିବେ ।'' ଆସନ୍ତୁ, ସେହିସବୁ ଯୀଶୁଙ୍କୁ ଦେବା ଶିକ୍ଷା କରିବା ।

## ପିତର

ପିତର ଯୀଶୁ ଖ୍ରୀଷ୍ଟଙ୍କର ଜଣେ ଆଦ୍ୟତମ ଶିଷ୍ୟ ଥିଲେ । ଯୀଶୁ ଖ୍ରୀଷ୍ଟଙ୍କର ଶିଷ୍ୟମାନଙ୍କ ମଧ୍ୟରୁ ଯେଉଁ ତିନିଜଣ ଆଭ୍ୟନ୍ତରୀଣ ବୃତ୍ତ ଗଠନ କରିଥିଲେ, ସେମାନଙ୍କ ମଧ୍ୟରେ ପିତର ଜଣେ ଥିଲେ । ପିତର ଯୀଶୁଙ୍କର ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ ଘଟଣାରେ ତାଙ୍କ ସହିତ ଥିଲେ, ଏପରିକି ସେ ରୂପାନ୍ତର ପର୍ବତ ଉପରେ ଖ୍ରୀଷ୍ଟ କିଏ ଥିଲେ, ତାହା ଦେଖିଥିଲେ ।

ମୁଁ ପିତରଙ୍କ ଚରିତ୍ରକୁ ପ୍ରେମ କରେ । ସେ ଏପରି ଆଗ୍ରହୀ ଓ ଉଦ୍‌ଯୋଗୀ ବ୍ୟକ୍ତି ଥିଲେ ଯେ ଯୀଶୁ ଖ୍ରୀଷ୍ଟ ମୋଶା ଓ ଏଲୀୟଙ୍କ ପାଇଁ ଏକ ତମ୍ବୁ ନିର୍ମାଣ କରିବାକୁ ଇଚ୍ଛା କରିଥିଲେ । ଯେତେବେଳେ ଯୀଶୁ ଖ୍ରୀଷ୍ଟ ନିଜର ଭୟଙ୍କର ମୃତ୍ୟୁ ବିଷୟରେ କହିଥିଲେ, ସେତେବେଳେ ପିତର ହିଁ ପ୍ରଥମେ ଅତି ଆବେଗଶୀଳ ହୋଇ କହିଥିଲେ, ''ହେ ପ୍ରଭୁ, ମୁଁ ଆପଣଙ୍କ ସହିତ କାରାଗାରକୁ ଯିବାକୁ ଓ ମୃତ୍ୟୁ ଭୋଗ କରିବାକୁ ପ୍ରସ୍ତୁତ ଅଛି'' (ଲୂକ ୨୨:୩୩) । ସେ ଅତିରିକ୍ତ ସୁରକ୍ଷାତ୍ମକ ଓ ଅତି କ୍ରୋଧୀ ବ୍ୟକ୍ତି ମଧ ଥିଲେ । ଯେତେବେଳେ ଯୀଶୁ ଖ୍ରୀଷ୍ଟଙ୍କୁ ବନ୍ଦୀ କରିବା ପାଇଁ ସୈନ୍ୟମାନେ ଆସିଲେ, ସେତେବେଳେ ସେ କ୍ରୋଧାନ୍ୱିତ ହୋଇ ଜଣେ ସୈନ୍ୟର କାନ କାଟି ପକାଇ ଥିଲେ । ପିତର ଏପରି ଆବେଗଶୀଳ ବ୍ୟକ୍ତି ଥିଲେ ଯାହାଙ୍କ ସହିତ ଆମେ ସମସ୍ତେ ନିଜ ନିଜକୁ ସଂପୃକ୍ତ କରିପାରିବା । ଯେ କୌଣସି ପରିସ୍ଥିତିରେ ସେ ସର୍ବଦା ପ୍ରଥମ ହେବାକୁ ଇଚ୍ଛା କରୁଥିଲେ ଓ ସର୍ବଦା ସୁରକ୍ଷାତ୍ମକ ଥିଲେ ।

ପିତର ଜଣେ ଲୋକ-କୈନ୍ଦ୍ରିକ ବ୍ୟକ୍ତି ଥିଲେ । ନିଜ ଭାଇ ଆନ୍ଦ୍ରିୟଙ୍କ ସହିତ ତାଙ୍କର ଏକ ଘନିଷ୍ଠ ସଂପର୍କ ଥିବାରୁ, ସେ ତାଙ୍କୁ ଯୀଶୁ ଖ୍ରୀଷ୍ଟଙ୍କ ସହିତ ସାକ୍ଷାତ୍ କରିବା ପାଇଁ ଡାକିଥିଲେ ଓ ସେ ମଧ ପିତରଙ୍କର ବାଧ ହୋଇଥିଲେ । ସେମାନଙ୍କ ମଧ୍ୟରେ ଭ୍ରାତୃତ୍ୱ-ପ୍ରତିଦ୍ୱନ୍ଦିତା ମଧ ରହିଥିବ ବୋଲି ମୁଁ ସୁନିଶ୍ଚିତ ଅଟେ । ଆମେ ପିତରଙ୍କ ଶାଶୁଙ୍କ ବିଷୟରେ ମଧ ପାଠ କରୁ ଓ ଏହା ଦର୍ଶାଏ ଯେ ସେ ଜଣେ ଅତି ଘନିଷ୍ଠ ପାରିବାରିକ ବ୍ୟକ୍ତି ଥିଲେ । ପିତର ଏକ ଉଦ୍ଦେଶ୍ୟ-ଚାଳିତ ବ୍ୟକ୍ତି ମଧ ଥିଲେ । ଯୀଶୁ ଖ୍ରୀଷ୍ଟ ପ୍ରକୃତରେ କିଏ ଥିଲେ, ତାହା ସେ ଜାଣିଥିଲେ ଓ ଯୀଶୁ ଖ୍ରୀଷ୍ଟ ଆଗମନ କରିଥିବା ମସୀହ ବୋଲି ଚିହ୍ନିଥିଲେ । ଆମେ ପରେ ତାଙ୍କର ସେବାକାର୍ଯ୍ୟରେ ମଧ ଏହି ଗୁଣଗୁଡ଼ିକ ଦେଖୁ ।

ଏହି ସମର୍ପିତ, ପ୍ରେମଶୀଳ, ଆବେଗଶୀଳ, ଲୋକକୈନ୍ଦ୍ରିକ ବ୍ୟକ୍ତି ଯିଏ ଯୀଶୁ ଖ୍ରୀଷ୍ଟଙ୍କୁ ଏହିପରି ଉଚ୍ଚ ସମ୍ମାନରେ ରଖିଥିଲେ, ସେ କିପରି ହଠାତ୍ ଯୀଶୁ ଖ୍ରୀଷ୍ଟଙ୍କୁ ଅସ୍ୱୀକାର କରିଥିଲେ ? କେବଳ ଥରେ ନୁହେଁ, ମାତ୍ର ତିନିଥର, ପୁଣି ତାହା ପ୍ରଭୁଙ୍କର ସତର୍କବାଣୀ ସତ୍ତ୍ୱେ ? ସେ କେବଳ ବିଶ୍ୱାସଘାତକତା କରିଥିଲେ, ତା' ନୁହେଁ, ମାତ୍ର ସେ ଅଭିଶାପ ଦେବା ମଧ ଆରମ୍ଭ କରିଥିଲେ । ଯେତେବେଳେ ଆମେ ଏହା ପାଠ କରୁ, ସେତେବେଳେ

*(ଅବଶିଷ୍ଟାଂଶ ୬ଷ୍ଠ ପୃଷ୍ଠାରେ)*


नहेम्याह बाइबल कॉलेज
रेसिडेन्शल कॉलेज, चेन्नई।

माध्यमः हिन्दी

ECHO OF HIS CALL 1969-2019 REACHING NATIONS

Regd. Candidate for Membership ATA NEHEMIAH BIBLE COLLEGE CHENNAI ECHO OF HIS CALL Estd. 1969

*सदस्यता के लिए पंजीकृत उम्मीदवार* - ATA

सुविख्यात अंतर्राष्ट्रीय मसीही अगुवे तथा पिछले 53 वर्षों से सेवारत वरिष्ठ पासवान

सर्टिफिकेट इन थियोलॉजी – 1 साल
डिप्लोमा ऑफ थियोलॉजी – 2 साल
*Bachelor in Theology : Three years*

योग्यता 10 वी या अधिक
जल्दी करें!

**Contact : The Chairman, Nehemiah Bible College.**
10, MOHAMMED ABDULLAH 2ND STREET, CHEPAUK, CHENNAI - 600 005, INDIA.
Phone : (+91-44) 2852 8282, Cell : (+91) 98410 71852 / 95661 31858
E.mail : sam@echoofhiscall.org / Website : www.echoofhiscall.org
✶ ऑनलाइन कक्षाएं उपलब्ध हैं ✶

GREAT COMMISSION PARTNERS
ECHO OF HIS CALL MINISTRIES
SINCE 1969

# ମହା ଆଦେଶ ସାଥୀଗଣ

ଜଣାଇବା (ଗାଲାତୀୟ ୬:୨), ସହାୟତା ଦେବା (ରୋମୀୟ ୧୨:୧୩) ଓ ତ୍ୱରାନ୍ୱିତ କରିବା (୨ ତୀମଥି ୧:୬)

ପ୍ରଶଂସା ଓ ପ୍ରାର୍ଥନାର ବିଷୟ,

(୨୦୨୩ ଜୁଲାଇ ୧୯ ରୁ ୨୦୨୩ ଅଗଷ୍ଟ ୧୮ ପର୍ଯ୍ୟନ୍ତ)

(ଦୟାକରି ଏହି ପୃଷ୍ଠାଟିକୁ ବାହାର କରି ଭାଙ୍ଗନ୍ତୁ ଓ ଏହାକୁ ଆପଣଙ୍କ ବାଇବଲରେ ରଖନ୍ତୁ ଓ ନିରନ୍ତର ପ୍ରାର୍ଥନା କରନ୍ତୁ)

## ପ୍ରଶଂସାର ବିଷୟ

ଜୁଲାଇ ୧୯ ⇨ ଆମର ସେଣ୍ଟ ପଲ୍ସ ମ୍ୟାଟ୍ରିକ୍ୟୁଲେସନ୍ ସ୍କୁଲ, ନିହିମିୟା ବାଇବଲ କଲେଜ ଓ ଥିଓଲୋଜିକାଲ କରେସପଣ୍ଡେସ୍ ପାଠ୍ୟକ୍ରମର ସମସ୍ତ କାର୍ଯ୍ୟ ନିମନ୍ତେ ।

ଜୁଲାଇ ୨୦ ⇨ ଆମର ସମସ୍ତ ସହଯୋଗୀ ସଂପାଦକ ଓ ସେମାନଙ୍କର ପରିବାର ସଦସ୍ୟମାନଙ୍କୁ ଆଶୀର୍ବାଦ କରିଥିବାରୁ ।

ଜୁଲାଇ ୨୧ ⇨ ଆମର ଆବାସିକ ଓ ସାନ୍ଧ୍ୟ ନିହିମିୟା ବାଇବଲ କଲେଜ ପାଇଁ ନୂତନ ଛାତ୍ର ଯୋଗାଇ ଆମକୁ ସାହାଯ୍ୟ କରିଥିବାରୁ ।

ଜୁଲାଇ ୨୨ ⇨ ମିଶନ କର୍ମଚାରୀମାନଙ୍କର ବଡ଼ ସମର୍ପଣ ନିମନ୍ତେ ।

ଜୁଲାଇ ୨୩ ⇨ ଆମର ପ୍ରାର୍ଥନା ସାଥୀ, ସଭ୍ୟସଭ୍ୟା, ବିଶ୍ୱାସ ସାଥୀ, ଆଜୀବନ ସଭ୍ୟ, ମହା ଆଦେଶ ସାଥୀଗଣ ଓ ସେମାନଙ୍କ ପରିବାର ନିମନ୍ତେ ।

ଜୁଲାଇ ୨୪ ⇨ ମୁଖ୍ୟ ମଣ୍ଡଳୀ ଓ ଶାଖା ମଣ୍ଡଳୀଗୁଡ଼ିକର ପାଳକ ଓ ବରିଷ୍ଠ ସଦସ୍ୟମାନଙ୍କୁ ଆଶୀର୍ବାଦ କରିଥିବାରୁ ।

ଜୁଲାଇ ୨୫ ⇨ ଆମର ସୁସମାଚାର ଛାପାକଳ ଓ ଦକ୍ଷ କର୍ମଚାରୀମାନଙ୍କ ସହିତ ଏହାର ନିରବଚ୍ଛିନ୍ନ କାର୍ଯ୍ୟ ନିମନ୍ତେ ।

ଜୁଲାଇ ୨୬ ⇨ ୧୯୬୯ରୁ ଆମର ପତ୍ରିକା ସେବାକାର୍ଯ୍ୟ ପ୍ରତି ଆମର ପ୍ରତିବଦ୍ଧତା ଉପରେ ତାଙ୍କର ପ୍ରଚୁର ଆଶୀର୍ବାଦ ନିମନ୍ତେ ।

ଜୁଲାଇ ୨୭ ⇨ ଆମ ମୁଖ୍ୟ ମଣ୍ଡଳୀରେ ନୂତନ ବିଶ୍ୱାସୀମାନଙ୍କୁ ସଂଯୁକ୍ତ କରିଥିବାରୁ ।

ଜୁଲାଇ ୨୮ ⇨ ବାଲାଜୀନଗର, ସନ୍ତୋଷପୁରମ ଓ ଭେଲାଚେରୀଠାରେ ଆମର ରବିବାର ଉପାସନାରେ ନୂତନ ବିଶ୍ୱାସୀମାନଙ୍କୁ ସଂଯୁକ୍ତ କରିଥିବାରୁ ।

ଜୁଲାଇ ୨୯ ⇨ ୨୦୨୩-୨୦୨୪ ଶିକ୍ଷା ବର୍ଷ ପାଇଁ ନିହିମିୟା ବାଇବଲ କଲେଜ ଓ ସେଣ୍ଟ ପଲ୍ସ ମ୍ୟାଟ୍ରିକ୍ୟୁଲେସନ ସ୍କୁଲର ଆଡ୍‌ମିଶନ୍ ଉପରେ ଆଶୀର୍ବାଦ କରିଥିବାରୁ ।

ଜୁଲାଇ ୩୦ ⇨ "ଗ୍ଲୋବାଲ ଭିଜନ ଫର୍ ୟୁଥ୍ ଏଣ୍ଡ କିଡ୍ କେୟାର" ସେବାକାର୍ଯ୍ୟ ଉପରେ ଆଶୀର୍ବାଦ କରିଥିବାରୁ ।

ଜୁଲାଇ ୩୧ ⇨ ଅପହଞ୍ଚ ଲୋକଙ୍କ ନିକଟରେ ପହଞ୍ଚିବା ପାଇଁ ଆମର ୟୁ-ଟ୍ୟୁବ୍ ସେବାକାର୍ଯ୍ୟର ୫ ମିନିଟ୍‌ର ବାର୍ତ୍ତା ଉପରେ ଆଶୀର୍ବାଦ କରିଥିବାରୁ ।

ଅଗଷ୍ଟ ୧ ⇨ ଅପହଞ୍ଚ ଅଞ୍ଚଳ ମଧ୍ୟକୁ ସୁସମାଚାର ପ୍ରସାରିତ କରିବା ପାଇଁ ଆମକୁ ଆଶୀର୍ବାଦ କରିଥିବାରୁ ।

ଅଗଷ୍ଟ ୨ ⇨ ଆମର ସେଣ୍ଟ ପଲ୍ସ୍ ମ୍ୟାଟ୍ରିକ୍ୟୁଲେସନ ସ୍କୁଲ ପାଇଁ ଅଧିକ ସମର୍ପିତ ଖ୍ରୀଷ୍ଟିଆନ ଶିକ୍ଷକ ଓ ଅଧକ୍ଷ ଯୋଗାଇଥିବାରୁ ।

ଅଗଷ୍ଟ ୩ ⇨ ଆମ ମଣ୍ଡଳୀଗୁଡ଼ିକର ପାଳକ ଓ ଅଧିକାରୀମାନଙ୍କ ନିମନ୍ତେ ।

## ପ୍ରାର୍ଥନାର ବିଷୟ

ଅଗଷ୍ଟ ୪ ⇨ ଲୋକମାନଙ୍କ ଉପରେ ଈଶ୍ୱରଙ୍କ ଅନୁଗ୍ରହ ଯେପରି ପୁନର୍ବାର ଆସିବ ।

ଅଗଷ୍ଟ ୫ ⇨ ପ୍ରଭୁଙ୍କଠାରେ ବଞ୍ଚି ରହିବା ପାଇଁ ଓ ନିୟମିତ ଭାବରେ ଆମର ମଣ୍ଡଳୀରେ ଯୋଗ ଦେବା ପାଇଁ ଛୁଟୀଦିବସୀୟ ବାଇବଲ ସ୍କୁଲ (ଭିବିଏସ୍)ରେ ଯୀଶୁଖ୍ରୀଷ୍ଟଙ୍କ ପ୍ରେମର ସ୍ୱର୍ଶ ପାଇଥିବା ଶହ ଶହ ପିଲାମାନଙ୍କ ନିମନ୍ତେ ।

ଅଗଷ୍ଟ ୬ ⇨ ମିଶନେରୀ ଓ ଈଶ୍ୱରଙ୍କ ଦାସମାନଙ୍କ ବିରୁଦ୍ଧରେ ଚାଲିଥିବା ହିଂସା ଯେପରି ବନ୍ଦ ହେବ ।

ଅଗଷ୍ଟ ୭ ⇨ ପୃଥିବୀରୁ କରୋନା ଜ୍ୱର ଯେପରି ଦୂର ହେବ ।

ଅଗଷ୍ଟ ୮ ⇨ ପରିବାରଗୁଡ଼ିକୁ ବିଚ୍ଛିନ୍ନ କରୁଥିବା ଶୟତାନର ମନ୍ଦ କାର୍ଯ୍ୟ ଯେପରି ଧ୍ୱଂସ ହେବ ।

ଅଗଷ୍ଟ ୯ ⇨ ଈଶ୍ୱରଙ୍କ ସନ୍ତାନମାନଙ୍କ ଉପରେ ଆତ୍ମିକ ଓ ଜାଗତିକ ଆଶୀର୍ବାଦ ନିମନ୍ତେ ।

ଅଗଷ୍ଟ ୧୦ ⇨ ୨୦୨୩-୨୪ ପାଇଁ ସେଣ୍ଟ ପଲ୍ସ ମ୍ୟାଟ୍ରିକ୍ୟୁଲେସନ୍ ସ୍କୁଲ ନିମନ୍ତେ ଆସିଥିବା ନୂତନ ଛାତ୍ରମାନଙ୍କ ପାଇଁ ।

ଅଗଷ୍ଟ ୧୧ ⇨ ବିଶ୍ୱରେ ଥିବା ଆର୍ଥିକ ମାନ୍ଦାବସ୍ଥାର ସମାପ୍ତି ନିମନ୍ତେ ।

ଅଗଷ୍ଟ ୧୨ ⇨ ଆମର ଅର୍ଥ ଆବଶ୍ୟକତାର ପୂରଣ ପାଇଁ ।

ଅଗଷ୍ଟ ୧୩ ⇨ ପୃଥିବୀସ୍ଥ ଲୋକମାନଙ୍କର ଆବଶ୍ୟକତା ପାଇଁ ।

ଅଗଷ୍ଟ ୧୪ ⇨ ଆମର ବଙ୍ଗାଳୀ ଡି.ଟି.ପି ଅପରେଟର ଭାଇ.ଇନ୍ଦ୍ରଜିତ୍ ରଥଙ୍କର କ୍ଷିପ୍ର ସୁସ୍ଥତା ନିମନ୍ତେ ।

ଅଗଷ୍ଟ ୧୫ ⇨ ଆମର କର୍ମଚାରୀ ଓ ସେମାନଙ୍କ ପରିବାର ସଦସ୍ୟମାନଙ୍କର ଉତ୍ତମ ସ୍ୱାସ୍ଥ୍ୟ ନିମନ୍ତେ ।

ଅଗଷ୍ଟ ୧୬ ⇨ ପ୍ରତିଦିନ ସକାଳେ ୫ଟାରେ ୫ମିନିଟ୍ ପାଇଁ ୟୁ-ଟ୍ୟୁବ୍‌ରେ ପ୍ରଦର୍ଶିତ ସେବାକାର୍ଯ୍ୟ ନିମନ୍ତେ ।

ଅଗଷ୍ଟ ୧୭ ⇨ ଆମର ବରିଷ୍ଠ ପାଳକ ଏସ୍ ସାମ୍ ସେଲ୍‌ଭାରାଜ୍ ଓ ତାଙ୍କ ପରିବାରକୁ ସମସ୍ତ ପ୍ରକାର ମନ୍ଦ ଶକ୍ତିରୁ ସୁରକ୍ଷା ଦେବା ପାଇଁ ।

ଅଗଷ୍ଟ ୧୮ ⇨ KOHA ସଫ୍ଟୱେରରେ ନିହିମିୟା ବାଇବଲ କଲେଜ ଲାଇବ୍ରେରୀ ପୁସ୍ତକଗୁଡ଼ିକ ଅପ୍‌ଡେଟ କରିବା ପାଇଁ ।

(୪ର୍ଥ ପୃଷ୍ଠାର ଅବଶିଷ୍ଟାଂଶ)

ଆମେ ହୁଏତ ପିତରଙ୍କର ବିଚାର କରି, ସେ ଏହିପରି ଏକ ଭୟଙ୍କର ଲୋକ ବୋଲି ତାଙ୍କୁ ନିନ୍ଦା କରିବା ଆରମ୍ଭ କରିପାରୁ । ମାତ୍ର ଆମେ କିପରି ଅନେକ ଥର ଖ୍ରୀଷ୍ଟଙ୍କର ସମର୍ପିତ ଅନୁଗାମୀ ଭାବରେ ଆମର ଚିନ୍ତା, କାର୍ଯ୍ୟ ଓ ବାକ୍ୟ ଦ୍ୱାରା ତାଙ୍କ ପ୍ରତି ବିଶ୍ୱାସଘାତକତା କରିଅଛୁ ବୋଲି ଚିନ୍ତା କରିବା । ଲୋକମାନେ ଏହା କହିବାର ମୁଁ ଶୁଣିଛି, "ମୁଁ ସ୍ଖଳିତ ହୋଇଥିଲି, ମାତ୍ର ଏହା ଏକ ମୁହୂର୍ତ୍ତ ମଧ୍ୟରେ ଘଟିଥିଲା । ପିତରଙ୍କର ଏହା ଗୋଟିଏ ମୁହୂର୍ତ୍ତର କାର୍ଯ୍ୟ ଥିଲା ବୋଲି ଆମେ କେତ ଜଣ ବାସ୍ତବରେ ଭାବିଥାଉ ? ଈଶ୍ୱରଙ୍କର ଏହି ମହାନ୍ ପ୍ରେରିତଙ୍କର ଜଣେ ସମାଲୋଚକ ହେବାରୁ ଭୁଲ୍ କରନ୍ତୁ ନାହିଁ, ବରଂ ଏହାର ବିପରୀତରେ ଆମେ ସମସ୍ତେ ତାଙ୍କ ଜୀବନରୁ ଶିକ୍ଷା କରିବା ଉଚିତ ବୋଲି ମୁଁ ଭାବୁଛି ।

ଏହା କେବଳ ସେହି ସମୟରେ ଘଟିଥିବା କୌଣସି ବିଷୟ ଥିଲା, କିମ୍ବା ଏହା ଏକ ପ୍ରକ୍ରିୟା ଥିଲା ବୋଲି ଆପଣ ଭାବୁଛନ୍ତି ?

ମୁଁ ବିଶ୍ୱାସ କରୁଛି, ଯୀଶୁ ଖ୍ରୀଷ୍ଟଙ୍କ ପ୍ରତି ବିଶ୍ୱାସ ଘାତକତା କରିବା ସେହି ବ୍ୟକ୍ତି ନିମନ୍ତେ ଏକ ସହଜ ବିଷୟ ନୁହେଁ ଯିଏ ଏତେ ସମର୍ପିତ, ପ୍ରେମଶୀଳ, ଆବେଗଶୀଳ ଓ ଉଦ୍ଦେଶ୍ୟ–ଚାଳିତ ବ୍ୟକ୍ତି ହୋଇଥିବ । ଏହିସବୁ କେବେ ଆରମ୍ଭ ହୋଇଥିଲା ବୋଲି ଆପଣ ଭାବୁଛନ୍ତି ? ଏହା ସେତେବେଳେ ଘଟିଥିଲା, ଯେତେବେଳେ ପିତର ମାଥିଉ ୨୬:୫୮ ଅନୁସାରେ ଯୀଶୁ ଖ୍ରୀଷ୍ଟଙ୍କୁ 'ଖଣ୍ଡେ ଦୂରତା'ରେ ଅନୁସରଣ କରିବା ଆରମ୍ଭ କରିଥିଲେ ।

ପିତର କିଛି ଦୂରତାରେ ରହି ଯୀଶୁଙ୍କର ଅନୁସରଣ କରୁଥିଲେ ବୋଲି ବାଇବଲ ସୁନ୍ଦର ଭାବେ କହିଛି । ଆମ ମଧ୍ୟରୁ ଅନେକେ ଯୀଶୁଙ୍କୁ ପ୍ରେମ କରୁ ଓ ତାଙ୍କର ଆଶୀର୍ବାଦକୁ ଉପଭୋଗ କରୁ । ଆମେ ଯେ ତାଙ୍କୁ ଆମର ଯୋଗାଣକର୍ତ୍ତା ଓ ସୁରକ୍ଷାଦାତା ଭାବରେ ଜାଣୁ, ଏହା ଏକ ବଡ଼ ବିଷୟ ଅଟେ, ମାତ୍ର ଆମେ ନିକଟରୁ ତାଙ୍କର ଅନୁଗମନ କରିବାକୁ ଅନିଚ୍ଛୁକ ହେଉ ଓ ଦୂରରୁ ତାଙ୍କର ଅନୁସରଣ କରିବା ଆମ ପାଇଁ ସୁବିଧାଜନକ ଅଟେ । ଯେତେବେଳେ ଆମେ ଦୂରରୁ ତାଙ୍କର ଅନୁସରଣ କରୁ, ସେତେବେଳେ ଆମ ମଧ୍ୟରୁ କେତେ ଜଣ ଏହାକୁ ନିରାପଦ ବୋଲି ଅନୁଭବ କରନ୍ତି କାରଣ ସେ ଆମଠାରୁ ଅଧିକ କିଛି ଦାବୀ କରିବେ ନାହିଁ । ଲୋକମାନେ ଆମକୁ ଖ୍ରୀଷ୍ଟଙ୍କର ଏକ ନୈଷ୍ଠିକ ଅନୁଗାମୀ ଭାବରେ ଜାଣିବେ ନାହିଁ ଓ ଆମେ ଉଭୟ ଈଶ୍ୱର ଓ ଜଗତର ସର୍ବୋତ୍ତମ ବିଷୟଗୁଡ଼ିକର ସ୍ୱାଦ ଚାଖି ପାରିବା । ଗୋଟିଏ ଅତି କୌତୁହଳପ୍ରଦ ବୁଝାମଣା ।

ପ୍ରିୟ ବନ୍ଧୁଗଣ, ବାଇବଲ ଆମକୁ ଏହି ଶିକ୍ଷା ଦେଇଛି ଯେ ଆମେ ଏକ ସଙ୍ଗରେ ଈଶ୍ୱର ଓ ଜଗତର ବନ୍ଧୁ ହୋଇପାରିବା ନାହିଁ । ଯାକୁବ ୪:୪ରେ ଲେଖାଯାଇଛି – **"ହେ ବ୍ୟଭିଚାରିଣୀମାନେ, ଜଗତର ମିତ୍ରତା ଈଶ୍ୱରଙ୍କର ଶତ୍ରୁତା – ଏହା କଅଣ ଜାଣ ନାହିଁ ...?"** (ଯାକୁବ ୪:୪) । କୌଣସି ମଧ୍ୟମ ମାର୍ଗ ନାହିଁ । ଏହା ହୁଏତ ଜଗତର ପାର୍ଶ୍ୱରେ ଅଛି, ନଚେତ୍ ଈଶ୍ୱରଙ୍କ ପାର୍ଶ୍ୱରେ ଅଛି । ଯଦି ଆମେ ଈଶ୍ୱରଙ୍କ ପାର୍ଶ୍ୱରେ ନାହୁଁ, ତେବେ ଏହାର ଅର୍ଥ ହେଉଛି ଯେ ଆମେ ଭୁଲବଶତଃ, ଈଶ୍ୱରଙ୍କ ଶତ୍ରୁରେ ପରିଣତ ହୋଇ ସାରିଛୁ । ସେଥିପାଇଁ, ଜଣେ ବ୍ୟକ୍ତି ଯେତେ ଆତ୍ମିକ ଓ ଧାର୍ମିକ ହେଲେ ସୁଦ୍ଧା, ଯଦି ସେ ଦୂରରୁ ଯୀଶୁଙ୍କର ଅନୁସରଣ କରିବା ପାଇଁ ନିଷ୍ପତ୍ତି ନିଏ, ତେବେ ଏହା ଏକ ବିପଜ୍ଜନକ ସ୍ଥାନ ଅଟେ ।

ଆଜି ଆପଣ ଖ୍ରୀଷ୍ଟଙ୍କ ସହିତ କିପରି ଗମନାଗମନ କରୁଛନ୍ତି ? ଆପଣ ଯୀଶୁ ଖ୍ରୀଷ୍ଟଙ୍କଠାରୁ ଦୂରରେ ରହି ଚାଲୁଛନ୍ତି କି ତାଙ୍କ ସହିତ ଅତି ପାଖାପାଖି ହୋଇ ଚାଲୁଛନ୍ତି ? ଏହା ଏପରି ଏକ ମନୋନୟନ ଯାହା ଆମ ସମସ୍ତଙ୍କୁ ନେବାକୁ ହେବ । ପୂର୍ବରୁ ଯେପରି ଉଲ୍ଲିଖିତ ଅଛି, ସେହିପରି ଯୀଶୁ ଖ୍ରୀଷ୍ଟ ଆମକୁ ଏତେ ଅଧିକ ପ୍ରେମ କରନ୍ତି ଯେ ସେ କୌଣସି କାର୍ଯ୍ୟ କରିବା ପାଇଁ ଆମକୁ ବାଧ କରିବେ ନାହିଁ । ସେ ଆମକୁ ସ୍ୱାଧୀନ ଇଚ୍ଛା ପ୍ରଦାନ କରିଛନ୍ତି । କିନ୍ତୁ ସେ ନିଜର ଇଚ୍ଛା ମଧ୍ୟ ପ୍ରକାଶ କରିଛନ୍ତି । **"ଯଦି ତୁମ୍ଭେମାନେ ମୋ'ଠାରେ ରୁହ, ଆଉ ମୋହର ବାକ୍ୟ ତୁମ୍ଭମାନଙ୍କଠାରେ ରୁହେ, ତାହା ହେଲେ ଯେ କୌଣସି ବିଷୟ ଇଚ୍ଛା କର, ତାହା ମାଗ, ଆଉ ତୁମ୍ଭମାନଙ୍କ ନିମନ୍ତେ ତାହା ସାଧିକ ହେବ"** (ଯୋହନ ୧୫:୭) । ଏହା ଆମକୁ ଈଶ୍ୱରଙ୍କ ସହିତ ଏକ ଘନିଷ୍ଠ ଗମନାଗମନ କରିବାର ଗୁରୁତ୍ୱ ବିଷୟରେ ଶିକ୍ଷା ଦିଏ ।

ପ୍ରିୟ ବନ୍ଧୁଗଣ, ଆମେ ଯେଉଁ ଜଗତରେ ବାସ କରୁ, ତାହା ଅତି ଜଟିଳ ଓ ଅତୃପ୍ତ ଅଟେ । ଏକାସାଙ୍ଗେ ଆମର କାର୍ଯ୍ୟ, ଆମର ପରିବାର ଓ ବ୍ୟକ୍ତିଗତ ଜୀବନକୁ ସମ୍ଭାଳିବା ଏକ ଆହ୍ୱାନମୂଳକ ବିଷୟ ଅଟେ । ବେଳେ ବେଳେ ଆମେ ନୈରାଶ୍ୟ, ଆଘାତ, ବିଶ୍ୱାସଘାତକତା, ବିଚ୍ଛେଦ, ମୃତ୍ୟୁ ପଛପଟୁ ଆଘାତ ଭଳି ଯେଉଁ କେତେକ ବିଷୟର ଆମେ ସମ୍ମୁଖୀନ ହେଉ, ତାହା ମାନସିକ କ୍ଲାନ୍ତି ସୃଷ୍ଟି କରିପାରେ । ଆପଣମାନଙ୍କ ମଧ୍ୟରୁ କେତେ ଜଣ ଏହି ପ୍ରକାର ପରିସ୍ଥିତିରେ ଅଛନ୍ତି, ତାହା ମୁଁ ଜାଣେ ନାହିଁ, ଆପଣ ହୁଏତ କହିପାରନ୍ତି, "ମୁଁ ଅନ୍ୟ କାହା ଦ୍ୱାରା ନିଆଯାଇଥିବା ନିଷ୍ପତ୍ତିର ଏକ ପରିଣାମ ଭାବରେ ଜୀବନ କାଟୁଅଛି । ମୁଁ ଏହାର ଯୋଗ୍ୟ ନୁହେଁ ।" ଏହା ଯୋଗୁ ହୁଏତ ଆପଣ ଯିହୁଦା ଭଳି ଯୀଶୁ ଖ୍ରୀଷ୍ଟଙ୍କର ଅନୁସରଣ କରିବା ବନ୍ଦ କରି ଦେଇଛନ୍ତି କିମ୍ବା ପିତରଙ୍କ ଭଳି ଦୂରରୁ ତାଙ୍କର ଅନୁସରଣ କରୁଛନ୍ତି । ମାତ୍ର ମୁଖ୍ୟ ବିଷୟ ହେଉଛି – ଉଭୟ ବିପଜ୍ଜନକ ଅଟେ ।

ଯୀଶୁ ଖ୍ରୀଷ୍ଟଙ୍କୁ ପିତରଙ୍କ ଅସ୍ୱୀକାର ଆକସ୍ମିକଭାବେ ଘଟି ନ ଥିଲା । ଏହା ଏକ ଧୀର ପ୍ରକ୍ରିଆ ଥିଲା । ଯେଉଁ ମୁହୂର୍ତ୍ତରେ ଯୀଶୁ ଖ୍ରୀଷ୍ଟଙ୍କୁ ବନ୍ଦୀ କରାଗଲା, ସେହି ମୁହୂର୍ତ୍ତରେ ଭବିଷ୍ୟତ୍‌ରେ କ'ଣ ଘଟିବ ଭାବି ସମସ୍ତେ ଭୟଗ୍ରସ୍ତ ହୋଇଥିଲେ । ତତ୍‌ସଙ୍ଗେ ଗୁରୁଙ୍କ ପ୍ରତି କ'ଣ ଘଟିବ, ଏହା ଜାଣିବା ପାଇଁ ପିତର କିଛି ଦୂରରେ ରହି ତାଙ୍କୁ ଅନୁସରଣ କରିବାକୁ ନିଷ୍ପତ୍ତି ନେଇଥିଲେ ।

ଆପଣ ପିତରଙ୍କ ଭଳି କିଛି ଦୂରରେ ରହି ଯୀଶୁ ଖ୍ରୀଷ୍ଟଙ୍କର ଅନୁଗମନ କରୁଛନ୍ତି କି ? ଆପଣ ହୁଏତ

(ଅବଶିଷ୍ଟାଂଶ ୯ମ ପୃଷ୍ଠାରେ)


The Lord has done great things for us, whereof we are glad – Psalm 126:3.

**ECHO OF HIS CALL**
**Ministries**

**55th ANNIVERSARY**
(1969 - 2023)

Place:
**ECHO OF HIS CALL**
10, MOHAMMED ABDULLAH 2ND STREET,
CHEPAUK, CHENNAI - 600 005, INDIA.

Special Progammes on
11.08.2023, Friday
12.08.2023, Saturday
13.08.2023, Sunday

Special message :
**Pastor ANGELINE SELVAKUMARI**

Please Pray!

Contact: Pastor S. Sam Selva Raj, (+91) 98410 71852

## ଦୟାକରି ଆମର ସେବାକାର୍ଯ୍ୟ ନିମନ୍ତେ ପ୍ରାର୍ଥନା କରନ୍ତୁ ।

୧. ପ୍ରାର୍ଥନା ସଭା (୨୪ ଘଣ୍ଟା) ।
୨. ବାଇବଲ କୋର – ପତ୍ର ମାଧ୍ୟମରେ ବାଇବଲ ପାଠ୍ୟକ୍ରମ, ଇଂରାଜୀ, ହିନ୍ଦୀ ଓ ତାମିଲ ।
୩. ଆହ୍ୱାନର ପ୍ରତିଧ୍ୱନି ପତ୍ରିକା (ଇଂରାଜୀ, ତାମିଲ, ମାଲାୟାଲାମ, ତେଲୁଗୁ, ହିନ୍ଦୀ, କାନ୍ନାଡ଼ା, ମରାଠୀ, ଗୁଜୁରାଟୀ, ବଙ୍ଗାଳୀ, ଓଡ଼ିଆ, ନେପାଳୀ, ଆସାମୀ, ପଞ୍ଜାବୀ, ଉର୍ଦ୍ଦୁ, ସିଂହଳ ଓ ଆଫ୍ରିକାନସ୍) ।
୪. ନିହିମିୟା ବାଇବଲ ମହାବିଦ୍ୟାଳୟ (ଦୁଇଟି କେନ୍ଦ୍ର) ।
୫. ଥିଓଲୋଜିକାଲ ଦୂରଭାଷା ପାଠ୍ୟକ୍ରମ (ଇଂରାଜୀ ଓ ତାମିଲ) ।
୬. ମହାଆଦେଶ ସାଥୀଗଣ ।
୭. ତାଲିମ କାର୍ଯ୍ୟକ୍ରମ ।
୮. ସୁସମାଚାର ଅଭିଯାନ ।
୯. ସାହିତ୍ୟ ସେବା ଓ ବଣ୍ଟନ ।
୧୦. ସୁସମାଚାର ଛାପା କଳ – ପ୍ରକାଶନ ।
୧୧. ସେଣ୍ଟପଲସ୍ ମ୍ୟାଟ୍ରିକ୍ୟୁଲେସନ ସ୍କୁଲ–ଗ୍ରାମ୍ୟ ଇଂରାଜୀ ଉଚ୍ଚ ବିଦ୍ୟାଳୟ ।
୧୨. ସଣ୍ଡେସ୍କୁଲ – ରବିବାର ସକାଳ ଘ. ୮.୩୦ ମିନିଟ୍ ଓ ଅପରାହ୍ନ ୪.୦୦ ଘଟିକା ।
୧୩. ତାମିଲ ଉପାସନା – ରବିବାର ସକାଳ ୫.୦୦, ୭.୦୦ ଓ ସକାଳ ୧୦.୦୦ ।
୧୪. ମାଲାୟାଲାମ୍ ଉପାସନା – ରବିବାର ଅପରାହ୍ନ ୨.୦୦ ଘଟିକା ।
୧୫. ତେଲୁଗୁ ପ୍ରାର୍ଥନା ସଭା – ରବିବାର ସନ୍ଧ୍ୟା ଘ. ୪.୦୦ ।
୧୬. ହିନ୍ଦୀ ଉପାସନା – ରବିବାର ସନ୍ଧ୍ୟା ଘ. ୫.୦୦ ।
୧୭. ଇଂରାଜୀ ଓ ତାମିଲ ଉପାସନା ରବିବାର ସନ୍ଧ୍ୟା ୬.୦୦ ଘଟିକା ।
୧୮. ପାଳକମାନଙ୍କର ପରାମର୍ଶ – ରବିବାର ଅପରାହ୍ନ ଘ. ୪.୦୦ ଘଟିକା ।
୧୯. ମହିଳାମାନଙ୍କର ପ୍ରାର୍ଥନା ସଭା – ବୁଧବାର ସନ୍ଧ୍ୟା ଘ.୫.୩୦ ମିନିଟ୍ ।
୨୦. ମଧ୍ୟ–ସପ୍ତାହ ବାଇବଲ ଅଧ୍ୟୟନ – ବୁଧବାର ସନ୍ଧ୍ୟା ଘ.୬.୩୦ ମିନିଟ୍ ।
୨୧. ପୁରୁଷମାନଙ୍କର ପ୍ରାର୍ଥନା ସଭା – ଶୁକ୍ରବାର ସନ୍ଧ୍ୟା ଘ.୭.୦୦ ।
୨୨. କର୍ମଚାରୀମାନଙ୍କର ସଭା – ଶନିବାର ସନ୍ଧ୍ୟା ୬.୦୦ ଘଟିକା ।
୨୩. ଗୃହ ସଭା – ସୋମବାର, ମଙ୍ଗଳବାର, ସନ୍ଧ୍ୟା ଘ.୬.୩୦ ମିନିଟ୍ ।
୨୪. ବିଶେଷ ପ୍ରଭୁଭୋଜ – ପ୍ରତ୍ୟେକ ମାସ ପ୍ରଥମ ଦିବସର ସକାଳ ଘ. ୫.୩୦ ମିନିଟ୍ ।
୨୫. କର୍ମଚାରୀମାନଙ୍କ କାର୍ଯ୍ୟର ପୁନଃ ବିଚାର – ପ୍ରଥମ ଶନିବାର ସନ୍ଧ୍ୟା ୫.୩୦ ।
୨୬. ପିତାମାତାଙ୍କର ପ୍ରାର୍ଥନାସଭା – ପ୍ରଥମ ରବିବାର ସନ୍ଧ୍ୟା ୪.୦୦ ଘଟିକା ।
୨୭. ରାତ୍ରି ପ୍ରାର୍ଥନା – ଦ୍ୱିତୀୟ ଶୁକ୍ରବାର ଘ. ୯.୩୦ ମି (ରାତ୍ର) ।
୨୮. ଉପବାସ ପ୍ରାର୍ଥନା – ତୃତୀୟ ଶନିବାର ସକାଳ ୯.୩୦ ଘଟିକା ।
୨୯. ପବିତ୍ର ପ୍ରଭୁଭୋଜ – ଦ୍ୱିତୀୟ ରବିବାର ଉପାସନା ।
୩୦. Youth / Kid Prayer : 10.00 p.m. daily
୩୧. କର୍ମଚାରୀମାନଙ୍କର ଉପାସନା – ପ୍ରତିଦିନ ସକାଳ ଘ. ୯.୦୦ ।
୩୨. କାର୍ଯ୍ୟାଳୟ – ପ୍ରତିଦିନ ସକାଳ ଗ. ୯.୦୦ମି ଠାରୁ ରାତ୍ର ୯.୦୦ (ରବିବାର ବ୍ୟତୀତ)

## କେବଳ ଭାରତର ପ୍ରାର୍ଥୀମାନଙ୍କ ପାଇଁ ଆହ୍ୱାନର ପ୍ରତିଧ୍ୱନିର ପୋଷ୍ଟାଲ୍ ପାଠ୍ୟକ୍ରମ

### ୧. ବାଇବଲ କୋର

ଆମେ ନୂତନ ଖ୍ରୀଷ୍ଟିଆନ ଓ ଅଣ–ଖ୍ରୀଷ୍ଟିଆନମାନଙ୍କୁ ଇଂରାଜୀରେ ୫୭ ପୃଷ୍ଠା, ହିନ୍ଦୀରେ – ୭୬ ପୃଷ୍ଠା ଓ ତାମିଲ୍‌ରେ – ୯୬ ପୃଷ୍ଠାରେ ସମ୍ବଳିତ ବାଇବଲର ମୌଳିକ ସତ୍ୟଗୁଡ଼ିକ ଉପରେ ପୋଷ୍ଟାଲ ପାଠ୍ୟକ୍ରମ ପ୍ରଦାନ କରୁଅଛୁ । ଆପଣମାନେ ଏକ ପାଠ୍ୟପୁସ୍ତକ – ‘‘ଆପଣଙ୍କ ନିମନ୍ତେ ନୂତନ ଜୀବନ’’ ପାଇବେ । ଏହି ପାଠ୍ୟକ୍ରମର ସମାପ୍ତି ପରେ, ଆପଣ ଗୋଟିଏ ସାର୍ଟିଫିକେଟ ପାଇବେ । କୌଣସି ବାଧ୍ୟତାମୂଳକ ଦେୟ ନାହିଁ । ଆପଣମାନେ ଆଶୀର୍ବାଦ ପାଇବେ ।

### ୨. ଥିଓଲୋଜିକାଲ୍ କରେସ ପଣ୍ଡେସ୍ ପାଠ୍ୟକ୍ରମ

ଥିଓଲୋଜିକାଲ କରେସ୍ ପଣ୍ଡେସ୍ ପାଠ୍ୟକ୍ରମ ନାମକ ଦୂରବର୍ତ୍ତୀ ପ୍ରାର୍ଥୀମାନଙ୍କ ପାଇଁ ଉନ୍ନତ ଧରଣର ଶିକ୍ଷା ବର୍ତ୍ତମାନ ଇଂରାଜୀରେ – ୫୩୨ ପୃଷ୍ଠା ଓ ତାମିଲ୍‌ରେ ୬୫୨ ପୃଷ୍ଠା ପାଳକ, ପ୍ରଚାରକ, ଖ୍ରୀଷ୍ଟିଆନ ନେତା ଓ ଈଶ୍ୱରଙ୍କ ସେବାକାର୍ଯ୍ୟ ପାଇଁ ଇଚ୍ଛୁକ ସାଧାରଣ ଲୋକଙ୍କ ନିମନ୍ତେ ଉପଲବ୍ଧ ଅଟେ । ୧୦୦୦ ଟଙ୍କାର ଦେୟ ରହିଛି ।

୧୪୯ ଅଧ୍ୟାୟ ବିଶିଷ୍ଟ ୭ଟି ପୁସ୍ତକ ଯୋଗାଇ ଦିଆଯିବ । ସେବାକାର୍ଯ୍ୟରେ ସାର୍ଟି ଫିକେଟ ପ୍ରଦାନ କରାଯିବ । ଈଶ୍ୱର ଆପଣମାନଙ୍କୁ ଆଶୀର୍ବାଦ କରିବେ ।

**ଅଧିକ ଜାଣିବା ପାଇଁ ଆମକୁ ଲେଖନ୍ତୁ**

The Chairman, Nehemiah Bible College,
Echo of His Call, Post Box 2957
CHEPAUK, CHENNAI - 600 005.
Ph.: (044) 2852 8282, 2852 9293, 2854 7766,
Cell : 98410 71852, 95661 31858
E.mail : biblecor@yahoo.co.in

## ବିନାମୂଲ୍ୟରେ ମାସିକ ପତ୍ରିକା “ଆହ୍ୱାନର ପ୍ରତିଧ୍ୱନି” ପାଇବା ପାଇଁ ଏକ ଉତ୍ତମ ସୁଯୋଗ ।

ଯଦି ଆପଣମାନେ ଆପଣମାନଙ୍କ ବନ୍ଧୁ/ଆତ୍ମିୟମାନଙ୍କର ଠିକଣା ଡାକ, ପତ୍ର, ଇ–ମେଲ, ହ୍ୱାଟସ୍–ଆପ୍ କିମ୍ବା ଫୋନ ମାଧ୍ୟମରେ ଆମ ନିକଟକୁ ପଠାଇ ପାରିବେ ତେବେ ଆମେ **“ଆହ୍ୱାନର ପ୍ରତିଧ୍ୱନି”** ମାସିକ ପତ୍ରିକା ସେମାନଙ୍କ ନିକଟକୁ ବିନାମୂଲ୍ୟରେ ପ୍ରେରଣ କରିବୁ ।

## କର ରିହାତି

**"Echo of His Call Educational Trust"** କୁ ଭାରତର ଯେ କୌଣସି ବ୍ୟକ୍ତି କିମ୍ବା ଅନୁଷ୍ଠାନ ଦେଉଥିବା ଦାନ ଆୟକର ଆଇନର ଭାଗ – **80 - G** ଅଧୀନରେ କର ମୁକ୍ତ ପାଇଁ ଯୋଗ୍ୟ ଅଟେ । ଏହି ଉଦ୍ଦେଶ୍ୟରେ କାର୍ଯ୍ୟାଳୟ ତରଫରୁ ରସିଦ୍ ଦିଆଯିବ । **Echo of His Call Educational Trust** କୁ ଦେଉଥିବା ଦାନ ପାଇଁ **Demand Draft, Cheque** କିମ୍ବା ମନିଅର୍ଡର କରନ୍ତୁ ଓ କର ମୁକ୍ତି ପାଇଁ ଆପଣଙ୍କର ଆଧାରକାର୍ଡ ଓ ପ୍ୟାନକାର୍ଡ ସହିତ ଏହାକୁ ଆମ ନିକଟକୁ ପ୍ରେରଣ କରନ୍ତୁ ।

| | | |
|---|---|---|
| Account Name | : | ECHO OF HIS CALL EDUCATIONAL TRUST |
| Account Number | : | 1023 2923 805 |
| Bank Name | : | STATE BANK OF INDIA |
| Branch | : | TRIPLICANE, CHENNAI - 600 005 |
| IFSC Code | : | SBIN 0000249 |
| SWIFT Code | : | SBI NIN BB 455 |



# ଗର୍ତ୍ତରୁ ରାଜପ୍ରାସାଦ

## (PIT TO PALACE)

(ପାଳକ. ଏସ୍. ସାମ୍. ସେଲ୍‌ଭା ରାଜ୍‌ଙ୍କ ଜୀବନାନୁଭୂତି)

*"ଯେ ପାଠ କରେ, ସେ ବୁଝୁ" (ମାଥିଉ ୨୪:୧୫)*

# ମୋ' ଜୀବନରେ ତାଙ୍କର ଚାଳନା ଓ ଯୋଗାଣ

"ସେ ଆପଣା ଭୟକାରୀମାନଙ୍କର ବାଞ୍ଛା ପୂର୍ଣ୍ଣ କରିବେ" (ଗୀତସଂହିତା ୧୪୫:୧୯) ।

## HIS GUIDANCE AND PROVIDENCE IN MY LIFE!

୧୯୮୨ରେ ଚେନ୍ନାଇ (ମାଡ୍ରାସ)ର ଚେପକ୍‌ଠାରେ ମଣ୍ଡଳୀ ସେବାକାର୍ଯ୍ୟ ଆରମ୍ଭ କରିବା ପାଇଁ ମୋତେ ସାମର୍ଥ୍ୟ ଦେବା ଦ୍ୱାରା ପ୍ରଭୁ ଯୀଶୁ ଖ୍ରୀଷ୍ଟ ମୋ' ପ୍ରତି ଅତି ଅନୁଗ୍ରହଶୀଳ ହୋଇଥିଲେ । ଆରମ୍ଭରୁ, ଅର୍ଥାଭାବ ଯୋଗୁ ଓ ସେହି ଅଞ୍ଚଳର ଅଣ-ଖ୍ରୀଷ୍ଟିଆନ ବନ୍ଧୁମାନଙ୍କର ବିରୋଧ ଓ ଈର୍ଷା ଯୋଗୁ, ମଣ୍ଡଳୀଟି ଗୋଟିଏ ସ୍ଥାନରୁ ଅନ୍ୟ ଏକ ସ୍ଥାନକୁ ସ୍ଥାନାନ୍ତର ହେବାର ସମସ୍ୟାର ଅନୁଭୂତି ପାଇଥିଲା ।

ଶେଷରେ, ଆମେ ଗୋଟିଏ ବାୟୁ ଚଳାଚଳ ବିହୀନ ଗୃହର ଗୋଟିଏ ଛୋଟ କୋଠରୀରେ ଆମର ରବିବାର ଉପାସନା ସଭା ଚଳାଉଥିଲୁ । ଶ୍ରୀଯୁକ୍ତ ଜର୍ଜ ନାମକ ଜଣେ ପ୍ରିୟ ଭାଇ ଏହି ଗୃହର ମାଲିକ ଥିଲେ ।

ଗୋଟିଏ ନିର୍ଦ୍ଦିଷ୍ଟ ରବିବାରରେ ଉପାସନା ସଭା ଚାଲିଥିବା ସମୟରେ, ପ୍ରଭୁ ହଠାତ୍ ଅନପେକ୍ଷିତ ଭାବରେ ଆତ୍ମାଙ୍କ ମାଧ୍ୟମରେ ମୋ' ମନରେ ଏହି ବିଶ୍ୱାସ ଜାତ କରାଇଲେ ଯେ ଦିନେ ସେହି ଅଞ୍ଚଳରେ ଆମର ମଣ୍ଡଳୀ ଉପାସନା ଚଳାଇବା ପାଇଁ ଆମ ନିଜର ଏକ ବଡ଼ ଗୃହ ରହିବ । ମଣ୍ଡଳୀ ଲୋକମାନଙ୍କୁ ପ୍ରାର୍ଥନା ସହାୟତା ମାଗିବା ପାଇଁ ମଧ୍ୟ ପ୍ରଭୁ ମୋତେ ଚାଳନା ଦେଇଥିଲେ । ମୁଁ ପ୍ରଭୁଙ୍କର ବାଧ୍ୟ ହୋଇଥିଲି ଓ ମଣ୍ଡଳୀ ଉପାସନାରେ ଏହା ଜଣାଇଥିଲି ।

* ମଣ୍ଡଳୀର ଲୋକମାନେ ମୋ' କଥା ଶୁଣି ସେମାନଙ୍କ ବିଦ୍ରୁପଭରା ଚାହାଁଣୀ ଦ୍ୱାରା ମୋତେ ଉପହାସ କରିଥିଲେ ।
* ସେମାନେ ପ୍ରଶ୍ନ କରିଥିଲେ, "ଆମର ଦୁଃସ୍ଥ ଅର୍ଥନୈତିକ ଅବସ୍ଥା ସତ୍ତ୍ୱେ ଏହି ସ୍ଥାନରେ ଏକ ଭୂସଂପତ୍ତି କ୍ରୟ କରିବା ବାସ୍ତବରେ ସମ୍ଭବ ଅଟେ କି ?
* କେତେକ ଲୋକ ମୋ' ଉପରେ ଆତ୍ମିକ ଚାପ ପକାଇ ପଚାରିଥିଲେ, "ଯଦିଓ ଆମ ପାଖରେ ଟଙ୍କା ଅଛି, ତଥାପି କେଉଁଠାରେ ଆମେ ଏହି ଘନଲୋକ ବହୁଳ ଅଞ୍ଚଳରେ ଗୋଟିଏ ବିକ୍ରୟଯୋଗ୍ୟ ସଂପତ୍ତି ପାଇ ପାରିବା ?

ଅନ୍ୟ କେତେକ ବନ୍ଧୁ ଏକ ସମାଲୋଚନାମୂଳକ ଓ ସନ୍ଦେହପୂର୍ଣ୍ଣ ପ୍ରଶ୍ନ ପଚାରିଥିଲେ, "ଈଶ୍ୱରଙ୍କ ନାମରେ ଏହିପରି ଏକ ଅବାସ୍ତବ ବାର୍ତ୍ତା ଲୋକମାନଙ୍କୁ କହିବା ଈଶ୍ୱରଙ୍କର ଜଣେ ଉତ୍ତମ ବ୍ୟକ୍ତି ପକ୍ଷରେ ଉଚିତ ଅଟେ କି ?"

ଏହିପରି ଭାବରେ, ମୋତେ ଏକ ଦ୍ୱନ୍ଦ୍ୱଯୁକ୍ତ ପରିସ୍ଥିତି ମଧ୍ୟକୁ ଗୁରୁତରଭାବେ ଠେଲି ଦିଆଗଲା । ମୋ' ସପକ୍ଷରେ ଠିଆ ହେବା ପାଇଁ ଓ ମୋର ବିଶ୍ୱାସର ଆହ୍ୱାନକୁ ଗ୍ରହଣ କରିବା ପାଇଁ କୌଣସି ଜଣେ ବ୍ୟକ୍ତି ସୁଦ୍ଧା ସମର୍ଥ ନ ଥିଲେ । ସାଧାରଣ ଲୋକ ଶେଷରେ ଏହି ସିଦ୍ଧାନ୍ତ ନେଇଥିଲେ ଯେ ଖ୍ରୀଷ୍ଟିଆନ ପ୍ରଚାରକମାନଙ୍କ ନିକଟରେ ଏହିପରି ଅଗ୍ରହଣୀୟ ଓ ଅବାସ୍ତବ କାହାଣୀ କହିବା ବ୍ୟତୀତ ଅନ୍ୟ କୌଣସି କାର୍ଯ୍ୟ ନାହିଁ ଓ ସେମାନେ ମୋତେ କୌଣସି ପ୍ରକାରେ ଚିହ୍ନିଲେ ନାହିଁ ।

ମାତ୍ର ମୁଁ ନିରୁତ୍ସାହିତ ହୋଇ ନ ଥିଲି । ଏହାର ବିପରୀତରେ, ପ୍ରଭୁ ମୋତେ ସାନ୍ତ୍ୱନା ଦେଇ ତାଙ୍କ ଉପରେ ଦୃଢ଼ ଭାବରେ ଆଉଜିବା ପାଇଁ ମୋତେ ତାଙ୍କର ଅନୁଗ୍ରହ ପ୍ରଦାନ କରିଥିଲେ । **"ସେ ଆମ ବିଶ୍ୱାସ ଆଦି କର୍ତ୍ତା ଓ ସିଦ୍ଧିଦାତା ଅଟନ୍ତି" (ଏବ୍ରୀ ୧୨:୧)** । ପ୍ରଭୁ ତାଙ୍କ ବାକ୍ୟ ସହିତ ଆମ ହୃଦୟ ମଧ୍ୟକୁ ପ୍ରବେଶ କରିଥିଲେ- **"ହେ କୀଟସ୍ୱରୂପ ଯାକୁବ ଓ ହେ ଇସ୍ରାଏଲୀୟ ନରଗଣ, ଭୟ କର ନାହିଁ, ସଦାପ୍ରଭୁ କହନ୍ତି, ଆମ୍ଭେ ତୁମ୍ଭର ସାହାଯ୍ୟ କରିବା ଓ ଇସ୍ରାଏଲର ଧର୍ମସ୍ୱରୂପ ତୁମ୍ଭର ମୁକ୍ତିଦାତା ଅଟନ୍ତି । ଦେଖ, ଆମ୍ଭେ ତୁମ୍ଭକୁ ତୀକ୍ଷ୍ଣ ଛୁରୀକା ବିଶିଷ୍ଟ ଏକ ନୂତନ ଶସ୍ୟ-ମର୍ଦ୍ଦନ-ଯନ୍ତ୍ର ସ୍ୱରୂପ କରିବା, ତୁମ୍ଭେ ପର୍ବତଗଣକୁ ମର୍ଦ୍ଦନ କରି ଚୂର୍ଣ୍ଣ କରିବ ଓ ଉପପର୍ବତଗଣକୁ ଭୂଷି ତୁଲ୍ୟ କରିବ" (ଯିଶାଇୟ ୪୧:୧୪,୧୫)** ।

ଦିନ ପରେ ଦିନ ବିତିଗଲା, ଈଶ୍ୱର ମୋର ଚତୁଃପାର୍ଶ୍ୱସ୍ଥ ଲୋକମାନଙ୍କ ସମ୍ମୁଖରେ ମୋତେ ଆଶୀର୍ବାଦ କରିଥିଲେ ଓ ଅନୁଗ୍ରହ ପୂର୍ବକ ସେହି ସମାନ ସ୍ଥାନରେ ମୋର ସେବାକାର୍ଯ୍ୟ ନିମନ୍ତେ ଏକ ସୁନ୍ଦର ସ୍ଥାନ ପ୍ରଦାନ କରିଥିଲେ ଯେଉଁ ସ୍ଥାନ ପାଇଁ ମୁଁ ଈଶ୍ୱରଙ୍କଠାରେ ବିଶ୍ୱାସ କରିଥିଲି ।

ମାତ୍ର ସେହି ସ୍ଥାନଟିକୁ ପାଇବା ପରେ, ମୋ' ଅଞ୍ଚଳର ଲୋକମାନେ ଯେପରି ଆଶା କରୁଥିଲେ, ସେହିପରି ସେହି ସଂପତ୍ତି କ୍ରୟ କରିବା ପାଇଁ ମୋ' ନିକଟରେ ଅର୍ଥ ନ ଥିଲା । ମୁଁ ମୋର ପରିଚିତ ଲୋକମାନଙ୍କଠାରୁ ସାହାଯ୍ୟ ଆଣିବା ପାଇଁ ଚେଷ୍ଟା କଲି ମାତ୍ର କେହି ମୋତେ ସାହାଯ୍ୟ କରିବା ପାଇଁ ଆଗେଇ ଆସି ନ ଥିଲେ କାରଣ ମୁଁ ଅତି ଦରିଦ୍ର ଥିଲି । ଏହି ପରିସ୍ଥିତିରେ, ସଂପତ୍ତି କ୍ରୟ କରିବା ପାଇଁ ସରକାର ମୋତେ ଗୋଟିଏ ବ୍ୟକ୍ତିଗତ ଗୃହ ନିର୍ମାଣ ଅଗ୍ରୀମ ରାଶି ପ୍ରଦାନ କରିଥିଲା, କାରଣ ମୁଁ ସେହି ସମୟରେ ସରକାରୀ ଚାକିରୀ କରୁଥିଲି । ଏହା ପାଇବା ପାଇଁ ଈଶ୍ୱର ଶ୍ରୀଯୁକ୍ତ କାନାନ ନାମକ ଜଣେ ଅଣଖ୍ରୀଷ୍ଟିଆନ ବନ୍ଧୁ ଓ ଶ୍ରୀଯୁକ୍ତ ଏମ୍.ପି.ଜେୟାକୁମାର ନାମକ ଅନ୍ୟ ଜଣେ ଖ୍ରୀଷ୍ଟଆନ ବନ୍ଧୁଙ୍କୁ ବ୍ୟବହାର କରିଥିଲେ । ଯୀଶୁ ଖ୍ରୀଷ୍ଟ ବିଶ୍ୱସ୍ତ ଅଟନ୍ତି । ଯୀଶୁ ଖ୍ରୀଷ୍ଟ ସବୁ ସମୟରେ ଉତ୍ତମ ଅଟନ୍ତି । ଆମେ କେତେ ଉତ୍ତମ ଈଶ୍ୱର ପାଇଅଛୁ । "ଆହେ, ସଦାପ୍ରଭୁ ଯେ ମଙ୍ଗଳମୟ, ଏହା ଆସ୍ୱାଦନ କରି ଦେଖ" (ଗୀତସଂହିତା ୩୪:୮) ।

ଆଜି ମଧ୍ୟ, ଯେତେବେଳେ ମୁଁ ଏହି ବାର୍ତ୍ତାକୁ ଲେଖୁଛି, ସେତେବେଳେ ସୁଦ୍ଧା ମୋ' ଜୀବନ ରଗଡ଼ା ଓ ଆହ୍ୱାନରେ ପରିପୂର୍ଣ୍ଣ ବୋଲି ମୁଁ କହିପାରେ । ମୁଁ ଈଶ୍ୱରଙ୍କ ଦ୍ୱାରା ପ୍ରଦତ୍ତ ସେବାକାର୍ଯ୍ୟ, ଯଥା, ଆହ୍ୱାନର ପ୍ରତିଧ୍ୱନି ମାସିକ ପତ୍ରିକା (୧୬ ଭାଷାରେ), ବାଇବଲ କରେସପଣ୍ଡେସ୍ କୋର୍ସ, ୩ଟି ଭାଷାରେ ପ୍ରଶିକ୍ଷଣ ପାଠ୍ୟକ୍ରମ, ନିହିମିୟା ବାଇବଲ କଲେଜ, ପ୍ରତି ରବିବାର ମୁଖ୍ୟ ଉପାସନାଳୟରେ ସାତଟି ଉପାସନା ସଭା, ସେଣ୍ଟ ପଲ୍‌ସ ମ୍ୟାଟ୍ରିକ୍ୟୁଲେସନ୍ ସ୍କୁଲ (ଗ୍ରାମ୍ୟ ଉଚ୍ଚ ବିଦ୍ୟାଳୟ), ସୁସମାଚାର ଛାପାକଳ ଓ ସର୍ବୋପରି ପ୍ରଶାସନିକ କାର୍ଯ୍ୟାଳୟ, ଇତ୍ୟାଦିର ଦାୟିତ୍ୱ ତୁଲାଇବା ନିମନ୍ତେ ମୋ' ଦୈନନ୍ଦିନ ଜୀବନରେ ଅନେକ ଅସୁବିଧା ଓ ଅକଥନୀୟ ଦୁଃଖ ଦ୍ୱାରା ଭଗ୍ନଚୂର୍ଣ୍ଣ ହୋଇଅଛି । ମୁଁ ମୋର ସେବକୀୟ ଓ ପ୍ରଶାସନିକ ଜୀବନରେ ବିଭିନ୍ନ ପ୍ରକାର ଅକଥନୀୟ ଓ ଅପ୍ରକାଶ୍ୟ ଅସୁବିଧା, ଆହ୍ୱାନ ଓ ବିଫଳତାର ସମ୍ମୁଖୀନ ହୋଇଅଛି ।

ମୁଁ ବିନିଦ୍ର ରାତ୍ରି ଓ ଶୟନ କରିବା ପାଇଁ ଇଚ୍ଛା କରୁ ନ ଥିବା ରାତ୍ରିର ଅନୁଭୂତି ପାଇଅଛି । ମୁଁ ଏହା ଶିକ୍ଷା କରିଅଛି ଯେ ପ୍ରଭୁ ଯୀଶୁ ଖ୍ରୀଷ୍ଟ ହିଁ ଏକମାତ୍ର ଯିଏ ବିଶ୍ୱସ୍ତ ଓ ନିର୍ଭର ଯୋଗ୍ୟ ଅଟନ୍ତି । ସେ ଏହି ଅନ୍ଧକାରପୂର୍ଣ୍ଣ, ମନ୍ଦ ଆମୋଦ ପ୍ରମୋଦ ଓ ନୈରାଶ୍ୟରେ ପରିପୂର୍ଣ୍ଣ ଜଗତରେ ଏକମାତ୍ର ସତ୍ୟ ବନ୍ଧୁ ଅଟନ୍ତି । ମୁଁ ମୋ' ଜୀବନରେ ତାଙ୍କର ଚାଳନା ଓ ଯୋଗାଣର ଅନୁଭୂତି ପାଇବା ପାଇଁ ସମର୍ଥ ଅଟେ । ଗୋଟିଏ ପ୍ରସିଦ୍ଧଗୀତର ନିମ୍ନଲିଖିତ ଧାଡ଼ିଗୁଡ଼ିକ ମୋର ଅନୁଭୂତି ଅଟେ :

**''ପରିବେଷ୍ଟିତ ଅନ୍ଧକାର ମଧ୍ୟରେ ଦୟା କରି ଆଲୋକ ଦେଖାଅ,**

**ମୋତେ ପଥ ମଧ୍ୟରେ କଢ଼ାଇ ନିଅ ।**

**ରାତ୍ରି ଅନ୍ଧକାର ଅଟେ ଓ ମୁଁ ଗୃହରୁ ବହୁ ଦୂରରେ ଅଛି,**

**ମୋତେ କଢେଇ ନିଅ ! ମୋର ପାଦକୁ ଧରି ରଖ !**

**ମୁଁ ଦୂର ଦୃଶ୍ୟକୁ ଦେଖିବା ପାଇଁ କହୁ ନାହିଁ,**

**ଗୋଟିଏ ପଦକ୍ଷେପ ମୋ' ନିମନ୍ତେ ଯଥେଷ୍ଟ ଅଟେ ।**

ମୁଁ ଜାଣେ ଯେ ମୋର ଦୈନିକ ଜୀବନ କ୍ଲେଶ ଓ ଅସୁବିଧାରେ ପୂର୍ଣ୍ଣ ଅଟେ । ମାତ୍ର ମୋ' ନିକଟରେ ଏହି ଭରସା ଅଛି ଯେ ଯେତେବେଳେ ମୁଁ ଏହି ଜଗତରେ ମୋର କାର୍ଯ୍ୟ ସଂପୂର୍ଣ୍ଣ କରିବି, ସେତେବେଳେ ମୁଁ ମୋର ସ୍ୱର୍ଗୀୟ ଗୃହରେ ପ୍ରବେଶ କରି ଏହାକୁ ଅଧିକାର କରିବି ଓ ମୋର ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କୁ ମୁଖାମୁଖୀ ସାକ୍ଷାତ୍ କରି ତାଙ୍କର ସୁବର୍ଣ୍ଣ ମୁଖକୁ ଆଲିଙ୍ଗନ କରିବି ଓ ଏହି ଜଗତର ଅନୁଭୂତି ତାଙ୍କୁ ଜଣାଇବି । ମୁଁ ଆଗ୍ରହର ସହିତ ସେହି ସୁନ୍ଦର ଦିନକୁ ଅପେକ୍ଷା କରୁଅଛି । ସେହି ଦିନ ମହା ଦିନ ହେବ । ସେହି ଦିନଟି ସର୍ବାଧିକ ଆଶୀର୍ବାଦଯୁକ୍ତ ଦିନ ହେବ ।

ପ୍ରିୟ ବନ୍ଧୁ, ଆପଣଙ୍କ ନିକଟରେ ଏହିପରି ଏକ ଭରସା ଓ ଅଭିଳାଷ ଅଛି କି ?

***

....Contd. from page 6

ଅନୁଭବ କରୁଥିବେ, ''ମୁଁ ଅତି ନିକଟରେ ରହି ଈଶ୍ୱରଙ୍କ ସହିତ ଗମନାଗମନ କରିବା ସମୟରେ, ମୋ' ପ୍ରତି ପ୍ରତ୍ୟାଶା ଅଧିକ ରହିବ ଓ ସେଥିପାଇଁ ମୁଁ ଦୂରରେ ରହିବା ବରଂ ଶ୍ରେୟସ୍କର ।'' ଆମ ମଧ୍ୟରୁ କେତେ ଜଣ ଗୀର୍ଜ୍ଜାକୁ ଯାଉ, ମାତ୍ର ମଣ୍ଡଳୀରେ ଅନ୍ତର୍ଭୁକ୍ତ ହେବାକୁ ଇଚ୍ଛା କରୁ ନାହୁଁ, ଆମ ମଧ୍ୟରୁ କେତେ ଜଣ ଗୀର୍ଜ୍ଜାକୁ ଯିବା ପାଇଁ ଇଚ୍ଛା କରନ୍ତି ନାହିଁ ଓ କେତେଜଣ ଗୃହରେ ରହି ପ୍ରାର୍ଥନା କରିବାକୁ ପସନ୍ଦ କରନ୍ତି । ଆମ ମଧ୍ୟରୁ କେତେ ଜଣ କେବଳ ଆବଶ୍ୟକ ସମୟରେ ଯୀଶୁ ଖ୍ରୀଷ୍ଟଙ୍କ ସହିତ କଥାବାର୍ତ୍ତା କରନ୍ତି, ନଚେତ୍, ଆମ ନିକଟରେ ସମୟ ନ ଥାଏ ।

ଯୀଶୁ ଖ୍ରୀଷ୍ଟଙ୍କୁ ଦୂରରୁ ଅନୁସରଣ ନ କରି ତାଙ୍କର ନିକଟକୁ ଆସନ୍ତୁ ବୋଲି ମୁଁ ଆଜି ଆପଣମାନଙ୍କୁ ଉତ୍ସାହିତ କରୁଅଛି । ସେ ଈଶ୍ୱରଙ୍କ ସହିତ ମନୁଷ୍ୟକୁ ମିଳିତ କରିବା ପାଇଁ ଏହି ଜଗତ ମଧ୍ୟକୁ ଆସିଥିଲେ । ସେହି ଉଦ୍ଦେଶ୍ୟ ନିମନ୍ତେ, ସେ କ୍ରୁଶ ଉପରେ ମୃତ୍ୟୁବରଣ କରିଥିଲେ ଓ ତୃତୀୟ ଦିବସରେ ପୁନର୍ବାର ଉଠିଥିଲେ । ଏକ ନୈରାଶ୍ୟଜନକ ପରିସ୍ଥିତିରେ ଆମକୁ ଆଶା, ଝଡ଼ ମଧ୍ୟରେ ଆମକୁ ଶାନ୍ତି ଓ ଆମେ ପ୍ରେମ ପାଇବାର ଅଯୋଗ୍ୟ ବୋଲି ଅନୁଭବ କରୁଥିବା ସମୟରେ ସୁଦ୍ଧା ଆମକୁ ପ୍ରେମ ଦେବା ନିମନ୍ତେ ସେ ଏହା କରିଥିଲେ । ରୋମୀୟ ୮:୩୨ କହିଛି, **''ଯେ ଆପଣା ପୁତ୍ରକୁ ସୁଦ୍ଧା ରକ୍ଷା କଲେ ନାହିଁ, ମାତ୍ର ଆମ୍ଭ ସମସ୍ତଙ୍କ ନିମନ୍ତେ ତାହାଙ୍କୁ ସମର୍ପଣ କଲେ, ସେ କିପରି ତାହାଙ୍କ ସହିତ ମଧ୍ୟ ସମସ୍ତ ବିଷୟ ଆମ୍ଭମାନଙ୍କୁ ଅନୁଗ୍ରହରେ ଦାନ ନ କରିବେ ?''** ତାଙ୍କୁ ମାଗନ୍ତୁ, ସେ ଆପଣଙ୍କୁ ସମସ୍ତ ଉତ୍ତମ ବିଷୟ ଦେବା ପାଇଁ ଇଚ୍ଛୁକ ଅଟନ୍ତି ।

ପ୍ରତିଦିନ ତାଙ୍କ ସହିତ କଥାବାର୍ତ୍ତା କରନ୍ତୁ, ତାଙ୍କ ବାକ୍ୟ ପାଠ କରନ୍ତୁ । ଯଦି ଆପଣଙ୍କ ନିକଟରେ ତାଙ୍କ ସ୍ୱର ଶୁଣିବାର ଅନୁଭୂତି ନାହିଁ, ତେବେ ଆଜି ହିଁ ତାଙ୍କୁ ମାଗନ୍ତୁ । ଏହି ପ୍ରାର୍ଥନା କରନ୍ତୁ, ''ପ୍ରଭୋ, ମୁଁ ଦୂରରୁ ନୁହେଁ, ମାତ୍ର ନିକଟରୁ ତୁମକୁ ଅନୁସରଣ କରିବାକୁ ଚାହେଁ, ପ୍ରଭୁ ମୋ' ସହିତ କଥା କୁହ । ମୋତେ ତୁମ ସ୍ୱର ଶୁଣିବାକୁ ଦିଅ । ପ୍ରଭୁ କେବଳ ଶୁଣିବା ପାଇଁ ନୁହେଁ, ମାତ୍ର ତୁମେ ଯାହା କୁହ, ତାହା କରିବା ପାଇଁ ମଧ୍ୟ ମୋତେ ସାହାଯ୍ୟ କର । ଆମେନ୍ ।''

ପ୍ରଭୁ ଆପଣମାନଙ୍କୁ ଦୂରରୁ ନୁହେଁ, ମାତ୍ର ଅତି ନିକଟରେ ରହି ଚାଲିବାରେ ସାହାଯ୍ୟ କରନ୍ତୁ ।

************


## ନିହିମିଆ ବାଇବଲ
### ସାଂଧ୍ୟ କଲେଜ

ଚେପକ୍ ଓ ସନ୍ତୋଷପୂରମ୍, ଚେନ୍ନାଇ

ମାଧ୍ୟମ ~ ତାମିଲ

ECHO OF HIS CALL 1969-2019 REACHING NATIONS

Regd. Candidate for Membership ATA NEHEMIAH BIBLE COLLEGE CHENNAI ★ ECHO OF HIS CALL ★ Estd.: 1969

ସଦସ୍ୟତା ପାଇଁ ପଞ୍ଜୀକୃତ ପ୍ରାର୍ଥୀ – ATA

ବିଗତ ୫୩ ବର୍ଷ ଧରି ଆନ୍ତର୍ଜାତୀୟ ଖ୍ରୀଷ୍ଟିଆନ ନେତା ଓ ବରିଷ୍ଠ ପାଳକମାନଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ

**ଥିଓଲୋଜିରେ ସାର୍ଟିଫିକେଟ : ଏକ ବର୍ଷ**

**ଥିଓଲୋଜିରେ ଡିପ୍ଲୋମା : ଦୁଇ ବର୍ଷ**

**Bachelor in Theology : Three years**

**ଯୋଗ୍ୟତା : ୧୦ମ ଓ ତଦୂର୍ଦ୍ଧ୍ୱ**

ଆଡ୍‌ମିଶନ ପାଇଁ ଶୀଘ୍ର ଆସନ୍ତୁ !

ଯୋଗାଯୋଗ : **The Chairman, Nehemiah Bible College.**

**10, MOHAMMED ABDULLAH 2ND STREET, BELLS ROAD, CHEPAUK, CHENNAI - 600 005, INDIA.**
**Phone : (+91-44) 2852 8282, Cell : (+91) 98410 71852 / 95661 31858**
E.mail : sam@echoofhiscall.org / Website : www.echoofhiscall.org

RNI NO. 70105/98, Postal Regn. No. TN/CH (C)/198/21-23 WPP NO. TN/PMG(CCR)/WPP-265/21-23

## ଆହ୍ୱାନର ପ୍ରତିଧ୍ୱନି

**YouTube**
Please subscribe

ଦୟାକରି ଆପଣଙ୍କ ସମୟ ଅନୁସାରେ ‘‘ଆହ୍ୱାନର ପ୍ରତିଧ୍ୱନି ୟୁ–ଟ୍ୟୁବ୍ ଚ୍ୟାନେଲ୍ ଦେଖନ୍ତୁ ଓ ଏହାର ସଭ୍ୟ ହୁଅନ୍ତୁ ।

–ସଂପାଦକ –

## OUR BANK DETAILS:

### *1. Bank : State Bank of India*

Branch : **Triplicane, Chennai-5**
Name : **S. Sam Selva Raj**
A/C No. : **1023 2934 679**
IFSC : **SBIN 00 00 249**
SWIFT CODE : **SBI NIN BB 455**

### *2. Bank : ICICI Bank*

Branch : **Anna Salai, Chennai-6**
Name : **Echo of His Call**
A/C No. : **6038 0502 2319**
IFSC : **ICIC 000 6038**

### *3. Bank : State Bank of India*

**(This Account is for Tax Exemption for Indians only )**

Branch : **Triplicane, Chennai-5**
Name : **Echo of His Call Educational Trust**
A/C No. : **1023 2923 805**
IFSC : **SBIN 00 00 249**

**Google Pay: 98410 71858**
**PayPal : SAM SELVA RAJ**
*****
**E.mail : sam@echoofhiscall.org**

# ଆହ୍ୱାନର ପ୍ରତିଧ୍ୱନି

୧୬ଟି ଭାଷାରେ ମାସିକ ପତ୍ରିକା, ବାଇବଲ କଲେଜ, ଡାକ ମାଧମରେ ପାଠ୍ୟକ୍ରମ, ମଣ୍ଡଳୀ ପ୍ରତିଷ୍ଠା, ଗ୍ରାମ୍ୟ ଇଂରାଜୀ ଉଚ୍ଚ ବିଦ୍ୟାଳୟ, ସୁସମାଚାର ଛାପାଳଳ, ସୁସମାଚାର ପ୍ରଚାର ଅଭିଯାନ, ଶିକ୍ଷାଧିବେଶନ, ସାମାଜିକ ସେବା, ଇତ୍ୟାଦି ।

ବାର୍ଷିକ ଦେୟ – ଟ. ୧୦୦/– ଆଜୀବନ ସଭ୍ୟଚାନ୍ଦା – ଟଙ୍କା ୨୦୦୦

ଆହ୍ୱାନର ପ୍ରତିଧ୍ୱନି ବହୁମୁଖୀ ସେବାକାର୍ଯ୍ୟ ଆପଣଙ୍କ ଭଳି ଈଶ୍ୱରଙ୍କ ସନ୍ତାନମାନଙ୍କର ସ୍ୱେଚ୍ଛାଦାନ ଓ ଚାନ୍ଦା ଦ୍ୱାରା ସାହାଯ୍ୟପ୍ରାପ୍ତ ଅଟେ । ପ୍ରଭୁଙ୍କ ଚାଳନା ଅନୁସାରେ ଆପଣ ‘ଆହ୍ୱାନର ପ୍ରତିଧ୍ୱନି’ ଓ ଏହା କାର୍ଯ୍ୟ କଳାପକୁ ସହାୟତା ଦେଇପାରିବେ । ଆମେ ସୁସମାଚାର ପାଇ ନ ଥିବା ଲୋକମାନଙ୍କ ନିକଟରେ ଏହାକୁ ପହଞ୍ଚାଇବା ପାଇଁ ଓ ମଣ୍ଡଳୀ ପ୍ରତିଷ୍ଠା କରିବା ପାଇଁ ଆପଣମାନଙ୍କର ସାହାଯ୍ୟ ଆବଶ୍ୟକ କରୁଅଛୁ ।

ଯଦି ଆପଣମାନେ ନିୟମିତ ଭାବରେ ‘‘ଆହ୍ୱାନର ପ୍ରତିଧ୍ୱନି’’ ପାଇବାକୁ ଚାହୁଁଛନ୍ତି, ତେବେ ଦୟାକରି ଆମକୁ ଲେଖନ୍ତୁ । ଆପଣମାନେ ଆପଣମାନଙ୍କର ଠିକଣା କିମ୍ବା ଇ–ମେଲ୍ ପରିବର୍ତ୍ତନ କଲେ, ଦୟାକରି ଆମକୁ ଉଭୟ ପୁରୁଣା ଓ ନୂଆ ଠିକଣା ପଠାଇବେ ।

ଆମର ୱେବସାଇଟରେ ମଧ ‘‘ଆହ୍ୱାନର ପ୍ରତିଧ୍ୱନି’’ ୧୬ଟି ଭାଷାରେ ଉପଲବ୍ଧ ଅଟେ । ଆପଣମାନେ ସେହି ସାଇଟ୍‌ରେ ଏହାକୁ ପଢ଼ିପାରିବେ କିମ୍ବା ଏହାକୁ ଡାଉନ୍‌ଲୋଡ୍ କରି ଆଶୀର୍ବାଦ ପାଇପାରିବେ ।

ଆପଣମାନଙ୍କର ପତ୍ର, ପ୍ରାର୍ଥନା ଅନୁରୋଧ ଓ ଆପଣଙ୍କ ଅର୍ଥ ସାହାଯ୍ୟ (Money order, Cheque or Demand Drafts, NEFT, Paypal (Sam Selva Raj, sam@echoofhiscall.org), PhonePe (9841071858), Gpay (9841071858), Western Union, Money Gram ଇତ୍ୟାଦି ନିମ୍ନଲିଖିତ ଠିକଣାରେ ‘‘ଆହ୍ୱାନର ପ୍ରତିଧ୍ୱନି’’ କାର୍ଯ୍ୟାଳୟକୁ ପେରଣ କରନ୍ତୁ ।

ଦୟାକରି ଆପଣଙ୍କର ନୂତନ ଲ୍ୟାଣ୍ଡ ଫୋନ/ମୋବାଇଲ୍ ଫୋନ୍ ନମ୍ବର ଓ ଇ–ମେଲ ଠିକଣା ଜଣାନ୍ତୁ ।

### ଆମର ଠିକଣା :

## ECHO OF HIS CALL

10, MOHAMMED ABDULLAH 2ND STREET, CHEPAUK, CHENNAI - 600 005, INDIA
PH: (+91-44) 2852 8282, 2852 9293, 2854 7766/ Cell: (+91) 98410 71852, 95661 31858 / E.mails: sam@echoofhiscall.org / biblecor@yahoo.co.in
Websites: www.echoofhiscall.org / www.stpaulsmatriculation.com

**YOU CAN SEND YOUR DONATION ONLINE ALSO**

**Regd. with the RNI No. 70105/98**
**Licenced to post without pre-payment**
**Postal Regn. No. TN/CH (C) /198/21-23**
**Licence No. WPP. No. TN/PMG(CCR)/WPP-265/21-23**
**Date of Publication: Third week of every month**
**Date of Posting : 17th & 18th of every month**
**Posted at "Egmore RMS / 1 Patrika Channel"**
**on 18th JULY 2023.**
**If un-delivered please return to:**
**ECHO OF HIS CALL (ODIA)**
**P.O. Box No. 2957, Chepauk, Chennai - 600 005, INDIA.**
**Phone: (+ 91- 44) 2852 8282, 2852 9293, 2854 7766**

*JESUS LOVES YOU!*

**To**

*GOD BLESS YOU!*

Owned and published by **S. Sam Selva Raj** from New No. 8 & 10, Old No.18 & 19, Mohammed Abdullah 2nd Street, Chepauk, Chennai-600 005 and printed by **S. Sam Selva Raj** at **Echo of His Call Printers,** New No. 8 & 10, Old No.18 & 19, Mohammed Abdullah 2nd Street, Chepauk, Chennai-600 005. Editor: **S. Sam Selva Raj.**